ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୦ ଜୁଲାଇ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 20 JULY 2020

Vol.No. 30 ■ No. 181 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman

ମୟୂରଭଞ୍ଜରେ ୩ କିଲୋରୁ ଅଧିକ ବ୍ରାଉନ ସୁଗାର ଜବଦ : ଜଣେ ଗିରଫ

- ଏନ.ଏଚ. ନଂ-୧୬ କୁଳିଅଣା ନିକଟରୁ ଜବଦ କଲା କ୍ରାଇମବ୍ରାଂଚ ଏସ.ଟି.ଏଫ. ଟିମ
- ଧଳା ଜହର କବଳରେ ଯୁବସମାଜ, ଉଜୁଡି ଯାଉଛି ସୁଖ ଶାନ୍ତିର ପରିବାର ଓ ସମାଜ
- ୨୦୨୦ ମସିହାରେ କେବଳ ଜବଦ ହେଲାଣି ସାଢେ ୧୫କିଲୋ ବ୍ରାଉନ ସୁଗାର

ବାରିପଦା ,୧୯।୭ (ନି.ପ୍ର): ସାରା ରାଜ୍ୟରେ ବ୍ରାଉନ ସୁଗାର ଭଳି ମାରାତ୍ମକ ନିସା କାରବାର ଦିନକୁ ଦିନ ବଢିଚାଲିଥିବା ବେଳେ ଏହାର କବଳରେ ଯୁବ ସମାଜ କବଳିତ ହୋଇ ନିଜ ହସିଲା ଖେଳିଲା ଶୁଖ ଶାନ୍ତିର ପରିବାରକୁ ନଷ୍ଟ କରୁଥିବା ବେଳେ ସମାଜରେ ମଧ୍ୟ ଏହାର ପ୍ରଭାବରେ ବହୁ ଅପରାଧିକ ମାମଲା ବଢିବାର ଲକ୍ଷ୍ୟ କରାଯାଉଛି । ତେବେ ଅବୈଧ ନିଶା କାରବାର ରୋକିବା ଅବକାରୀ ବିଭାଗର କାର୍ଯ୍ୟ ହୋଇଥିବା ବେଳେ, ମୟୂରଭଂଜ ଜିଲ୍ଲାରେ ଅବକାରୀ ବିଭାଗ କେବଳ ଛୋଟମୋଟ ନିଶାକାରବାର କରି ପେଟ ପୋଷୁଥିବା ନିଶା ବେପାରିଙ୍କୁ ଛାଡିଦେଲେ ସେଭଳି ବଡ ବ୍ୟବସାୟୀଙ୍କୁ ଧରିବାର ଦେଖାଯାଉନାହିଁ। ଅନେକ ସ୍ଥଳରେ ପୋଲିସ ଚୋରାନିଶା ବେପାରୀ ମାନଙ୍କୁ ଧରି ଅବକାରୀ ବିଭାଗକୁ ହସ୍ତାନ୍ତର କରୁଥିବାର ଦେଖାଯାଉଛି । ତେବେ ଆଜି କ୍ରାଇମବ୍ରାଂଚର ଏସ.ଟି.ଏଫ. ଟିମକୁ ମୟୂରଭଞ୍ଜ ଜିଲ୍ଲାରେ ମିଳିଛି ଏକ ବଡ ସଫଳତା । ଆଜି ସକାଳ ପ୍ରାୟ ୫ଘଟିକା ସମୟରେ ବ୍ରାଉନ ସୁଗାର କାରବାରରେ ସଂପୃକ୍ତ ଥିବା କିଛି ଯୁବକ ଜାତୀୟ ରାଜପଥ ୧୬ ନମ୍ବରରେ ଯାଉଥିବା ବେଳେ କୁଳିଅଣା ଛକ ନିକଟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କ୍ରାଇମବ୍ରାଂଚର ଏସ.ଟି.ଏଫ. ଟିମ ଚଢାଉ କରି ୩ କିଲୋ ୨୮୫ ଗ୍ରାମ ବ୍ରାଉନ ସୁଗାର ଜବଦ କରିବା ସହିତ ଜଣକୁ ଗିରଫ ମଧ୍ୟ କରିବାରେ ସକ୍ଷମ ହୋଇଛନ୍ତି । ଗିରଫ ଅଭିଯୁକ୍ତ ହେଲା ସେକ ଆସିଫ । ସେ ବାରିପଦା ଚିପଟ ଅସ୍ତିଆ ଅଂଚଳର ବୋଲି ସୂଚନା ମିଳିଛି । ସେ ବ୍ରାଉନ ସୁଗାର ଡିଲର ବୋଲି କୁହାଯାଉଛି । ତେବେ କ୍ରାଇମବ୍ରାଂଚ ଏଡିଜି ସୌମେନ୍ଦ୍ର ପ୍ରିୟ ଦର୍ଶୀଙ୍କ କହିବା ମୁତାବକ ୨୦୨୦ ମସିହାରେ କେବଳ ଏସ.ଟି.ଏଫ. ୧୫ କିଲୋ ୬୪୮ ଗ୍ରାମ ବ୍ରାଉନ ସୁଗାର ଜବଦ କରିଛି । ଏବାବଦରେ ୨୦ ଟି ମାମଲା ରୁଜୁ ହେବା ସହିତ ୪୦ ଜଣଙ୍କୁ ଗିରଫ କରାଯାଇଛି । ୨୦୧୩ ରୁ ୨୦୧୯ ମସିହା ପର୍ଯ୍ୟନ୍ତ ଓଡିଶା ପୋଲିସ ମୋଟ ୭କିଲୋ ୨୩୬ ଗ୍ରାମ ବ୍ରାଉନ ସୁଗାର ଜବଦ କରିଥିବାର ରେକର୍ଡ ରହିଥିବା ବେଳେ ଏସ.ଟିଟଏଫ. ଟିମ ୨୦୨୦ ମସିହା ମାର୍ଚ୍ଚ ୧୧ ରେ ୧କିଲୋ ୭୪୯ ଗ୍ରାମ, ମାର୍ଚ୍ଚ ୧୯ ରେ ୨କିଲୋ ୭୨୯ ଗ୍ରାମ, ଜୁନ ୨ ରେ ୧କିଲୋ ୮ଗ୍ରାମ, ଜୁନ ୧୯ ରେ ୪କିଲୋ ୪୫୮ ଗ୍ରାମ ଏବଂ ଆଜି ଜୁଲାଇ ୧୯ ରେ ୩କିଲୋ ୨୮୫ ଗ୍ରାମ ବ୍ରାଉନ ସୁଗାର ଜବଦ କରିବାରେ ସକ୍ଷମ ହୋଇ ପାରିଛି । ତେବେ ତଲାସି ସମୟରେ ଅନ୍ୟ ମାନେ ଖସିଯାଇଥିବା ବେଳେ ଖୁବ ଶିଘ୍ର ସେମାନଙ୍କୁ ଧରାଯିବା ସହିତ ଧଳା ଜହର ବେପାରର ରୁଟକୁ ଯାଇ ଏହି ବେପାର କୁ ଓଡିଶାରୁ ମୂଳପୋଛ କରାଯିବ , ଦରକାର ପଡିଲେ ଅଭିଯୁକ୍ତକୁ ରିମାନ୍ଡରେ ନିଆଯିବ ବୋଲି ସୌମେନ୍ଦ୍ର କ୍ରାଇମବ୍ରାଂଚ ଏଡିଜି ପ୍ରିୟଦର୍ଶୀ କହିବା ସହିତ ପୋଲିସ ମହାନିର୍ଦ୍ଦେଶକ ଅଭୟ ମଧ୍ୟ ଏବାବଦରେ ଟୁଇଟ କରି ସୂଚନା ଦେଇଛନ୍ତି ।

ପ୍ଲାଜମା ଦାନ କରିବାକୁ ଯାଇଥିବା କରୋନା ଯୋଦ୍ଧାଙ୍କୁ ମୁଖ୍ୟମନ୍ତ୍ରୀ କଲେ ପ୍ରଶଂସା

ଭୁବନଶ୍ୱର,୧୯।୭ (ନି.ପ୍ର): ପ୍ଲାଜମା ଦାନ କରିବାକୁ ଯାଇଥିବା କରୋନା ଯୋଦ୍ଧାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସାକରିଛନ୍ତି। ଆଜି ଟ୍ୱିଟ କରି ମୁଖ୍ୟମନ୍ତ୍ରୀ ଏନଡିଆରଏଫ, ହୋମଗାର୍ଡ , ଅଗ୍ନିଶମବାହିନୀ କର୍ମଚାରୀ ଯେଉଁମାନେ ପ୍ଲାଜମା ଦାନ କରିବାକୁ ନିଷ୍ପତି ନେଇଛନ୍ତି ତାଙ୍କୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଯେ କରୋନାରେ ଆକ୍ରାନ୍ତ ଗୁରୁତର ରୋଗୀଙ୍କୁ ଆରୋଗ୍ୟ ହେବାରେ ଏହି ପ୍ଲାଜମା ଥେରାପି ସହାୟକ ହେବ । ପ୍ଲାଜମା ଦାନ କରି ମୂଲ୍ୟବାନ ଜୀବନ ବଂଚାଇ ହେବ । ସର୍ବୋପରି କରୋନା ଯୋଦ୍ଧାଙ୍କ ପ୍ଲାଜମା ଦାନ ଅନ୍ୟ ଆକ୍ରାନ୍ତଙ୍କୁ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ।

ଗତ ୨୪ ଘଂଟାରେ ଦେଶରେ ୩୮୯୦୨ ଟି କରୋନାର ନୂଆ ମାମଲା: ୫୪୩ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୧୯।୭ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୩୮୯୦୨ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହା ସହିତ କରୋନା ମାମଲା ସଂଖ୍ୟା ୧୦,୭୭୬୧୮ କୁ ବୃଦ୍ଧି ପାଇଛି । ଗତ ୨୪ ଘଂଟା ମଧ୍ୟରେ ୫୪୩ଜଣଙ୍କର ମୃତ୍ୟୁ ଘଟିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତମାନ ୩୭୩,୩୭୯ ସକ୍ରିୟ ରୋଗୀ ଅଛନ୍ତି ।

ରାଜ୍ୟରେ ୫୧୫ କୋରୋନା ସଂକ୍ରମିତ ସୁସ୍ଥ ହେଲେ

ଭୁବନେଶ୍ୱର,୧୯।୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୫୧୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏହା ସହ ରାଜ୍ୟରେ ସୁସ୍ଥ ହୋଇଥିବା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୨୪୫୨ରେ ପହଂଚିଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ସବୁଠାର ଅଧିକ ୧୯୯ ସୁସ୍ଥ ହୋଇଥିବାବେଳେ ଖୋର୍ଧା ଜିଲ୍ଲାରେ ୮୦, ଯାଜପୁର ଜିଲ୍ଲାରେ ୪୦ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ସୁନ୍ଦରଗଡରେ ୩୭, କଟକରେ ୨୮. କେନ୍ଦୁଝରରେ ୨୦, ଜଗତସିଂହପୁରରେ ୧୮, ବାଲେଶ୍ୱରରେ ୧୫, ଝାରସୁଗୁଡା ଓ ବରଗଡରେ ୧୩-୧୩ ଜଣ ସୁସ୍ଥ ହୋଇଛନ୍ତି । ମୟୁରଭଂଜ ଜିଲ୍ଲାରେ ୯. ରାୟଗଡା ଓ ବଲାଙ୍ଗୀରରେ ୮-୮, ଭଦ୍ରକରେ ୭-୭ ତଥା ଗଜପତି ଓ ପୁରୀରେ ୬-୬ ଜଣ ସୁସ୍ଥ ହୋଇଛନ୍ତି । କୋରାପୁଟରେ ୫. ଅନୁଗୁଳ ଓ କେନ୍ଦ୍ରାପଡାରେ ୧-୧ ସଂକ୍ରମିତ ସୁସ୍ଥ ହୋଇଛନ୍ତି ।

ଲକ୍ ଡାଉନ୍ ସମୟରେ ପୂର୍ବତଟ ରେଳପଥ କରିଛି ସାତ ହଜାର ଟନ୍‌ର ପାର୍ସଲ ପରିବହନ

ଭୁବନେଶ୍ୱର,୧୯।୭ (ନି.ପ୍ର): ସାଧାରଣତଃ ପାର୍ସଲ ପରିବହନର ସିଂହ ଭାଗ ନିୟମିତ କୋଚିଂ ଟ୍ରେନ୍ ଗୁଡିକ ମାଧ୍ୟମରେ କରାଯାଇ ଥାଏ । ଲକ୍ ଡାଉନ୍ ସମୟରେ ନିୟମିତ କୋଚିଂ ଟ୍ରେନ ଗୁଡିକର ଚଳାଚଳ ବନ୍ଦ ଥିବା କାରଣରୁ ଏକ ନୂତନ ପରିକଳ୍ପନା ସ୍ୱରୂପ ଟାଇମ ଟେବୁଲ ଟ୍ରେନର ଚଳାଚଳ ଆରମ୍ଭ କରାଗଲା କ୍ଷ ବିଶ୍ୱ ମହାମାରୀ କୋଭିଡ-୧୯ ପାଇଁ ଲାଗୁ ହୋଇଥିବା ଲକ୍ ଡାଉନ୍ ସମୟରେ ଜନସାଧାରଣ ଯେପରି ଅତ୍ୟାବଶ୍ୟକ ସାମଗ୍ରୀ ର ଅଭାବର ସମ୍ମୁଖୀନ ନ ହୁଅନ୍ତି , ସେଥିପାଇଁ ଅନବରତ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ସୁନିଶ୍ଚିତ କରିବା ନିମନ୍ତେ ଏହି ବ୍ୟବସ୍ଥା କରାଯାଇଥିଲା । ପୂର୍ବ ତଟ ରେଳବାଇ ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦିଆ ଯାଇଛି ଯେ ଏହି ସମୟାବଧିରେ, ଫଳ ଓ ପନିପରିବା, ଦୁଗ୍ଧ, ରନ୍ଧନ ତୈଳ, ତେଜରାତି ସାମଗ୍ରୀ, ଔଷଧ ଓ ମେଡିକାଲ ଉପକରଣମାନ, ବ୍ୟକ୍ତିଗତ ସୁରକ୍ଷା ଉପକରଣ(ପିପିଇ) ଚିନି ଓ ଲୁଣ ଇତ୍ୟାଦି ଭଳି ଜରୁରୀ ସାମଗ୍ରୀଗୁଡିକୁ ଦେଶର ବିଭିନ୍ନ ପ୍ରାନ୍ତକୁ ପରିବହନ ନିମନ୍ତେ ପାର୍ସଲ ଟ୍ରାଫିକ ଏକ ପସନ୍ଦଯୋଗ୍ୟ ଉପାୟ ରୂପେ ଉଭା ହୋଇଥିଲା । ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନି ମାସରେ, ଅର୍ଥାତ ଏପ୍ରିଲ ରୁ ଜୁନ, ୨୦୨୦ ମଧ୍ୟରେ, ପୂର୍ବ ତଟ ରେଳପଥ ଏହାର ସ୍ୱତନ୍ତ୍ର ପାର୍ସଲ ଟ୍ରେନ ଗୁଡିକ ଦ୍ୱାରା ୬୧୬୦ ଟନ୍ ର ଅତ୍ୟାବଶ୍ୟକ ସାମଗ୍ରୀକୁ ମିଶାଇ ୭୦୦୦ ଟନ ର ପାର୍ସଲ ପରିବହନ କରିଛି । ଏହି ସମାୟାବଧିରେ ୩୧ ଟନ୍ ର ଔଷଧ ଓ ୨୦ ଟନ୍ ର ମେଡିକାଲ ଉପକରଣ ପରିବହନ କରିଥିଲା । ଏହା ମଧ୍ୟରେ ଅନେକ ଜୀବନ ରକ୍ଷାକାରୀ ଔଷଧ ଓ ପରୀକ୍ଷାଗାରଗୁଡିକ ନିମନ୍ତେ ପଠାଯାଉଥିବା ନମୁନା ଅନ୍ତର୍ଭୁକ୍ତ । ଖାଦ୍ୟ ସାମଗ୍ରୀର ଅନବରତ ଯୋଗାଣ ବ୍ୟବସ୍ଥାକୁ ବଜାୟ ରଖିବା ନିମନ୍ତେ ପାର୍ସଲ ଟ୍ରେନ୍ ଗୁଡିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ପୂର୍ବ ତଟ ରେଳପଥ ର ଅଧିକାର କ୍ଷେତ୍ରରୁ ୨୧୦ ଟନ ଦୁଗ୍ଧ /ଦୁଗ୍ଧ ଜାତ ଉତ୍ପାଦ ଏବଂ ଅଣ୍ଡା ବୋଝେଇ କରାଯାଇଥିଲା ଓ ପରିବହନ କରାଯାଇଥିଲା । ଶୁଖିଲା ଦୁଗ୍ଧ ଗୁଣ୍ଡ ଓ ରନ୍ଧନ ତୈଳ ମଧ୍ୟ ପୂର୍ବ ତଟ ରେଳପଥ ରେ ଗ୍ରହଣ କରାଯାଇଥିଲା । ଏହି ସମୟରେ ▶▶ପୃଷ୍ଠା ୭

ରାଜ୍ୟରେ ଆଉ ୭୩୬ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୧୭୪୩୭କୁ ବୃଦ୍ଧି

ଭୁବନେଶ୍ୱର,୧୯।୭ (ନି.ପ୍ର): ରାଜ୍ୟରେ ଆଜି ଆଉ ୭୩୬ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୧୭୪୩୭ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ଆଜି ଚିହ୍ନଟ ହୋଇଥିବା ୭୩୬ ଜଣଙ୍କ ମଧ୍ୟରୁ ୪୮୧ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୨୫୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ▶▶ପୃଷ୍ଠା ୭

ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୮୨୦୯ କରୋନା ପରୀକ୍ଷଣ

ଭୁବନେଶ୍ୱର,୧୯।୭ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୮୨୦୯ କରୋନା ପରୀକ୍ଷଣ ହୋଇଛି । ଆଜି ସୁଦ୍ଧା ରାଜ୍ୟରେ ମୋଟ ୩୮୬୧୦୨ କରୋନା ପରୀକ୍ଷଣ କରା ଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

ରାଜ୍ୟରେ ଆଉ ପାଂଚ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୯୧ ହେଲା

ଭୁବନେଶ୍ୱର,୧୯।୭ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୫ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୯୧ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ତିନି ଜଣ ଗଂଜାମ ଜିଲ୍ଲାର ହୋଇଥିବା ବେଳେ ଜଗତସିଂହପୁର ଓ ସୁନ୍ଦରଗଡ ଗଜପତି ଜିଲ୍ଲାର ଜଣେ ଜଣେ ଅଛନ୍ତି । ଏମାନଙ୍କ ମଧ୍ୟରେ ଦୁଇ ଜଣ ମହିଳା ରହିଛନ୍ତି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଗଞ୍ଜାମ ଜିଲ୍ଲାର ୭୦ ବର୍ଷିୟ କରୋନା ଆକ୍ରାନ୍ତ ମହିଳା ମୃତ୍ୟୁ ଘଟିଛି । ଏହାଛଡ଼ା ଗଂଜାମ ଜିଲ୍ଲାର ଅନ୍ୟ ଜଣେ ୪୪ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ହୋଇଛି। ସେହିପରି ଗଂଜାମ ଜିଲ୍ଲାର ୩୯ ବର୍ଷୀୟ ଜଣେ ପୁରୁଷଙ୍କ ମଧ୍ୟ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେହିପରି ଜଗତସିଂହପୁର ଜିଲ୍ଲାର ଜଣେ ୬୭ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମଧ୍ୟ ମୃତ୍ୟୁ ଘଟିଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ । ସୁନ୍ଦରଗଡ ଜିଲ୍ଲାରେ ଜଣେ ୬୫ ବର୍ଷୀୟା ମହିଳା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ ।

ଓଡିଶାରେ ସଫଳ ହୋଇଛି ପ୍ଲାଜମା ଥେରାପି

ଭୁବନେଶ୍ୱର,୧୯।୭ (ନି.ପ୍ର): ଓଡିଶାରେ ପ୍ଲାଜମା ଥେରାପି ସଫଳ ହୋଇଛି । କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୬ ଜଣଙ୍କୁ ପ୍ଲାଜମା ଥେରାପି ଚିକିତ୍ସା କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୪ ଜଣ ସୁସ୍ଥ ହୋଇଛନ୍ତି । ଏପରିକି ଏବେ ରୋଗୀଙ୍କୁ ଅମ୍ଳଜାନର ମଧ୍ୟ ଦରକାର ପଡୁନାହିଁ । ଖୁବ ଶୀଘ୍ର ଏମାନଙ୍କୁ ହସ୍ ?ପିଟାଲରୁ ଛୁଟି କରାଯିବ ବୋଲି ସୂଚନା ମିଳିଛି। ସେହିପରି ପ୍ଲାଜମା ନେଇଥିବା ଅନ୍ୟ ୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ବି ସ୍ଥିର ରହିଛି ବୋଲି ସୂଚନା ଦିଆ ଯାଇଛି ।

ବ୍ୟାଙ୍କର ନୂତନ ସମୟ ନିର୍ଘଂଟ

ଭୁବନେଶ୍ୱର,୧୯।୭ (ନି.ପ୍ର): ମହାମାରୀ କରୋନା ଭାଇରସ ମୁକାବିଲି ପାଇଁ ଗତ ୧୭ ତାରିଖ ରାତି ୯ଟାରୁ ଠାରୁ ଆରମ୍ଭ ହୋଇଥିବା ବିଭିନ୍ନ ଲକଡାଉନ ଅଂଚଳରେ ବ୍ୟାଙ୍କର ନୂତନ ସମୟ ନିର୍ଘଣ୍ଟ ଧାର୍ଯ୍ୟ କରିଛନ୍ତି ରାଜ୍ୟ ସରକାର । ଏନେଇ ସ୍ୱତନ୍ତ୍ର ରିଲିଫ କମିସନର ପ୍ରଦୀପ କୁମାର ଜେନା ନୂତନ ଆଦେଶନାମା ଜାରି କରିଛନ୍ତି । ନିର୍ଦ୍ଦେଶନାମା ଅନୁସାରେ ଆସନ୍ତା ଜୁଲାଇ ୩୧ ତାରିଖ ମଧ୍ୟରାତ୍ରୀ ଯାଏଁ ଖୋର୍ଦ୍ଧା, ଗଂଜାମ, କଟକ, ଯାଜପୁର ଓ ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ମହାନଗର ନିଗମ ଅଂଚଳରେ ଲକଡାଉନ ଜାରି ରହିବ । ଏନେଇ ରାଜ୍ୟ ସରକାର ପୂର୍ବରୁ ଗତ ୧୬ ତାରିଖ ନିର୍ଦ୍ଦେଶନାମା ଜାରି କରିଥିଲେ । ଏହି ସବୁ ଅଂଚଳରେ ବ୍ୟାଙ୍କଗୁଡ଼ିକ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲା ରଖିବା ପାଇଁ ନିର୍ଦ୍ଦେଶ ହୋଇଛି । କିନ୍ତୁ ଗ୍ରାହକମାନେ ସକାଳ ୮ଟାରୁ ଅପରାହ୍ନ ୧ଟା ଯାଏଁ ବ୍ୟାଙ୍କକୁ ଯାଇପାରିବେ ।

ରାଜସ୍ଥାନରେ କରୋନରେ ପୁଣି ୩ ମୃତ : ୧୭ ଜିଲ୍ଲାରେ ବଢ଼ିଛନ୍ତି ୧୯୩ ନୂଆ ସଂକ୍ରମିତ

ଜୟପୁର,୧୯।୭ (ନି.ପ୍ର): ରାଜସ୍ଥାନରେ କରୋନରେ ରବିବାର ସକାଳ ସୁଦ୍ଧା ପୁଣି ୩ ଜଣ ମୃତ୍ୟୁବରଣ କରିଛନ୍ତି । ଅଜମେରରେ ୨ ଏବଂ ପ୍ରତାପଗଡ଼ରେ ୧ ସଂକ୍ରମିତଙ୍କ ମୃତ୍ୟୁ ସହିତ କରୋନାରେ ମୃତ୍ୟୁବରଣ ସଂଖ୍ୟା ୫୫୬ରେ ପହଂଚିଛି । ପ୍ରଦେଶରେ ସକାଳ ସୁଦ୍ଧା ୧୭ ଜିଲ୍ଲାରେ ୧୯୩ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ଏବେ ୨୮ ହଜାର ୬୯୩ରେ ପହଂଚିଛି । ରବିବାର ସକାଳ ସୁଦ୍ଧା ଘୋଳପୁରରେ ୪୭, ଅଜମେରରେ ୩୪, କୋଟାରେ ୨୯, ଅଳୱାରରେ ୧୯, ନାଗୌରରେ ୧୨, ହନୁମାନଗଡ଼ ଓ ଜୟପୁରରେ ୧୦-୧୦, ଉଦୟପୁରରେ ୯, ଅନ୍ୟ ପ୍ରଦେଶରେ ୬, ସବାଇ ମାଧପୁରରେ ୪, ଝୁନଝୁନ ଓ ବାଂସୱାଡ଼ାରେ ୩-୩, ଝାଲାୱାଡ଼ରେ ୨ ତଥା ଚୁରୁ, ଟୋଂକ, ଭିଲୱାଡ଼ା, ବାଡ଼ମେର ଓ ବରାଂ ରେ ୧-୧ ବ୍ୟକ୍ତି ସଂକ୍ରମିତ ହୋଇଛନ୍ତି । ପ୍ରଦେଶରେ ଏବେ ସୁଦ୍ଧା ୨୧ ହଜାର ୨୬୬ ଜଣ ସୁସ୍ଥ ହୋଇଛନ୍ତି । ୨୦ ହଜାର ୫୭୪ ଜଣଙ୍କୁ ଘରକୁ ପଠାଇ ଦିଆଯାଇଛି । ଚିକିତ୍ସା ବିଭାଗ କହିବା ଅନୁସାରେ ଏବେ ସୁଦ୍ଧା ଯୋଧପୁରରେ ୪୫୨୮, ଜୟପୁରରେ ୪୨୯୩, ଭରତପୁରରେ ୨୧୧୬, ପାଲୀରେ ୧୮୪୩, ଅଳବରରେ ୧୬୬୯, ବିକାନୀରରେ ୧୩୩୫, ନାଗୌରରେ ୧୦୭୮, ଅଜମେରରେ ୧୦୫୧, କୋଟାରେ ୧୦୧୫, ଉଦୟପୁରରେ ୯୬୭, ଧୋଲପୁରରେ ୯୫୪, ▶▶ପୃଷ୍ଠା ୭

ମୟୂରଭଞ୍ଜ ରାଜମାତାଙ୍କ ବିୟୋଗରେ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ସ୍ମୃତିସଭା

ବାରିପଦା, ୧୯/୭ (ନି.ପ୍ର): ମୟୂରଭଞ୍ଜ ରାଜମାତା ଭାରତୀ ରାଜ୍ୟଲକ୍ଷ୍ମୀ ଭଦେଓଙ୍କ ବିୟୋଗରେ ବାରିପଦାର ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡଃ ପ୍ରଜ୍ଞା ପାରମିତା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ପ୍ରଥମେ ଅମର ଆତ୍ମାର ସଦଗତି କାମନା ପୂର୍ବକ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିବା ବେଳେ, ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଅମିତାଭ ମିଶ୍ର, ଡଃ ଶଶିଧର ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସେକ ଲାଇକୁଦ୍ଦିନ ପ୍ରମୁଖ ଯୋଗଦେଇ ମୟୂରଭଞ୍ଜ ସାମଗ୍ରୀକ ବିକାଶ ଦିଗରେ ଅତୀତରେ ମୟୂରଭଞ୍ଜର ରାଜପରିବାର ଯେଉଁ ଅବଦାନ ଛାଡିଯାଇଛିଂ ତାହା ଏବେବି ଅମର ହୋଇ ରହିଛି ବୋଲି କହିବା ସହିତ ସ୍ମୃତିଚାରଣ କରିଥିଲେ । ସ୍ମୃତିଚାରଣ ସଭାରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା ଶିକ୍ଷାକର୍ମଚାରୀ ମାନେ ଯୋଗଦେଇଥିଲେ ।

ଜାତୀୟ ରାଜପଥ ବଡଦାଣ୍ଡ ବାଟରେ ବସୁଛି ହାଟ : ପୌରସଂସ୍ଥା ନିରବ

ପୁରୀ, ୧୯/୭ (ନି.ପ୍ର): ବଡଦାଣ୍ଡରେ ଚାଲିଛି ପୌରସଂସ୍ଥାର ମନମାନୀ । ପ୍ରକୃତରେ ବଡଦାଣ୍ଡର ମାଲିକ କିଏ, କାହା ହାତରେ ରହିଛି ବଡଦାଣ୍ଡର ଖାତା ଖତିୟାନ । ଜାତୀୟ ରାଜପଥ ବଡଦାଣ୍ଡକୁ ବ୍ୟାରିକେଡ ପକାଇ ୪ ଭାଗ କରାଗଲାଣି । ଏବେ ଜାତୀୟ ରାଜପଥ ବାଟରେ ବସୁଛି ପରିବା ହାଟ । ପୌରସଂସ୍ଥା ଇଜିରା ଆଦାୟ କରୁଛି । ବଡଦାଣ୍ଡର ରକ୍ଷଣା ବେକ୍ଷଣ ପାଇଁ ଜାତୀୟ ରାଜପଥ କର୍ତୃପକ୍ଷ ୫ କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ପୌରସଂସ୍ଥା ୮କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କଲାଣି । ବଡଦାଣ୍ଡର ଦୁଇପାର୍ଶ୍ୱରେ ଥିବା ସ୍ଥାୟୀ ବାସିନ୍ଦାମାନେ କ୍ୟାବିନ ପଡିବା ଯୋଗୁଁ ବାଇକ୍ ନେଇ ଘରକୁ ଯିବା ଅସମ୍ଭବ ହୋଇପଡିଲାଣି । ଘର ଭଡ଼ା ରହିବାକୁ ଆସୁଥିବା ଭଡ଼ାଟିଆ ମାନେ ଟ୍ରକରୁ ଜିନିଷ ଖାଲି କରିବା ପାଇଁ ବାଟ ପାଉନାହାଁନ୍ତି । ସ୍ଥାୟୀ ବାସିନ୍ଦାଙ୍କ ଘର ଆଗରେ କ୍ୟାବିନ ଓ ପସରା ପଡିବା ଯୋଗୁଁ ଦିନରାତି ଗହଳି ଲାଗି ରହୁଛି । ଛାତ୍ରଛାତ୍ରୀମାନଙ୍କର ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି । ଏ ସମ୍ପର୍କରେ ମାନ୍ୟବର ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର୍ ହୋଇଥିଲା । ତାହାକୁ ବିଚାର କରି ମାନ୍ୟବର କୋର୍ଟ ବଡଦାଣ୍ଡରେ କୌଣସି କ୍ୟାବିନ୍ ନପକାଇବା ପାଇଁ ପୌରସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ପୌରସଂସ୍ଥା ଭେଣ୍ଡିଂ ଜୋନ୍ ନାଁରେ ବଡଶଙ୍ଖ ଠାରେ ୧୨ଫୁଟ ଓସାର ଓ ୨୪ଫୁଟ ଲମ୍ବର ବଡ ବଡ ଲୁହା କ୍ୟାବିନ୍ ପକାଇ ରାସ୍ତାକୁ ଅବରୋଧ କରିବା ସହ ରାସ୍ତାର ମାନ ନଷ୍ଟ କରିଥିଲା । ବଡଦାଣ୍ଡର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ଅନେକ ଯୋଜନା ହାତକୁ ନେଇଥିଲେ ମଧ୍ୟ ପୌରସଂସ୍ଥାର ମନମାନୀ ଯୋଗୁଁ ବଡଦାଣ୍ଡ ଏବେ ଅସ୍ତବ୍ୟସ୍ତ ହୋଇପଡିଛି । ବଡଦାଣ୍ଡର ମେଡିକାଲ ଛକଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ୧୫ ଶହରୁ ଉର୍ଦ୍ଧ୍ୱ ଛୋଟବଡ ବ୍ୟବସାୟୀ, ଉଠାଦୋକାନୀ, ଖଟ, ଛତା, ଠେଲାଗାଡି ଓ ପସରା ପକାଇ ବଡଦାଣ୍ଡକୁ ସମ୍ପୂର୍ଣ୍ଣ ଅବରୋଧ କରୁଛନ୍ତି । ଯଦି ରଥଯାତ୍ରା ହେଉନଥାନ୍ତା ତେବେ ବଡଦାଣ୍ଡରେ ସ୍ଥାୟୀ ନିର୍ମାଣ କରିସାରିଥାନ୍ତେ ବୋଲି ସହରର ବୁଦ୍ଧିଜୀବି କହୁଛନ୍ତି । ବଡଶଙ୍ଖ ଠାରେ ପୌରସଂସ୍ଥାକୁ ୧୦ ଟଙ୍କାର ରସିଦ୍ କାଟି ଦୋକାନୀମାନେ ୧୦ରେ ୧୦ ସ୍ଥାନ ମାଡି ବସୁଛନ୍ତି । ଏହାସହ ନିର୍ଦ୍ଦିଷ୍ଟ ସ୍ଥାନରେ କ୍ୟାବିନ୍ ପଡିବା ପାଇଁ ବାହୁବଳୀମାନେ ୫୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ବଟି ନେଉଥିବା ବିଭିନ୍ନ ସମୟରେ ଅଭଯୋଗ ହେଉଛି । ବଡଦାଣ୍ଡର ଦୁଇପାର୍ଶ୍ୱରେ ସମୁଦାୟ ୮ଧାଡି ଦୋକାନ ପଡୁଥିବାରୁ ପର୍ବପର୍ବାଣିରେ ବଡଶଙ୍ଖରେ ଚାଲିକରି ଯିବ କଷ୍ଟ ହେଲାଣି । ସ୍ଥାୟୀ ବାସିନ୍ଦାମାନଙ୍କ ଦୁଃଖ ବୁଝିବା ପାଇଁ କେହି ନାହାଁନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଜାତୀୟ ରାଜପଥ ଉପରେ ପୌରସଂସ୍ଥାର କୌଣସି ଅଧିକାର ନାହିଁ । ଲାଗି ଲାଗି କ୍ୟାବିନ୍ ପଡିବା ଯୋଗୁଁ କରୋନା ମହାମାରୀ ସମୟରେ ସାମାଜିକ ଦୂରତା ରକ୍ଷା କରିବା କଷ୍ଟକର ହୋଇପଡୁଛି । ଏପରିକି ଅନେକ ଗ୍ରାହକ ମାଲ୍ଲ ନପିନ୍ଧି ଜିନିଷ କିଣୁଥିବା ଦେଖାଯାଉଛି । ପ୍ରତି ତିନି ବର୍ଷରେ ଜାତୀୟ ରାଜପଥ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବଡଦାଣ୍ଡକୁ ପିଚୁ କରୁଛି । ପୌରପ୍ରଶାସନ ବିଭିନ୍ନ କାର୍ଯ୍ୟପାଇଁ ବଡଦାଣ୍ଡକୁ ବ୍ୟବହାର କରୁଥିବା ବେଳେ ବ୍ୟାରିକେଡ ପାଇଁ ବଡଦାଣ୍ଡ ଖୋଳି ନଷ୍ଟ କରୁଥିବା ଦେଖାଯାଉଛି । ବଡଶଙ୍ଖଠାରୁ ଗୁଣ୍ଡିଚା ମନ୍ଦିର ମଧ୍ୟରେ ବଡଶଙ୍ଖ ପ୍ରାଥମିକ ବିଦ୍ୟାଳୟ, ଶରଧାବାଲି ବିଦ୍ୟାଳୟ, ଭୋଳାନାଥ ବିଦ୍ୟାଳୟ ରହିଛି । କ୍ୟାବିନ୍ ପଡିବା ଯୋଗୁଁ ମୋବାଇଲ ଦୋକାନୀ, ସାଉଣ୍ଡ ବକ୍ସ ଦୋକାନୀ ଓ ବିଭିନ୍ନ ବ୍ୟବସାୟିକ ଦୋକାନରେ ଉଚ୍ଚ ଶବ୍ଦକରି ମାଇକ୍ ବଜାଉଥିବାରୁ ଛାତ୍ରଛାତ୍ରୀମାନଙ୍କ ବହୁତ ଅସୁବିଧା ହେଉଛି । ବଡଦାଣ୍ଡର ଦୁଇପାର୍ଶ୍ୱରେ ଭଙ୍ଗାବସ୍, ଟ୍ରକ୍, ଓ ଅଟୋରିକ୍ସା ରଖାଯାଉଥିବାରୁ ବଡଦାଣ୍ଡ ଅବରୋଧ ହେଉଛି । ବଡଦାଣ୍ଡ ଉପରେ ବିଭିନ୍ନ ଓ୍ୱେଲ୍ଡିଂ ଗ୍ୟାରେଜ ଖୋଲିଥିବାରୁ ତାହାର ପ୍ରଭାବରେ ବଡଦାଣ୍ଡର ପିଚୁ ନଷ୍ଟ ହେଉଛି । ଏବେ ଲୁହାବାଡ କରି ବଡଦାଣ୍ଡକୁ ଭାଗ ଭାଗ କରାଯାଇଛି । ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ବଡଦାଣ୍ଡ ସୃଷ୍ଟି ହୋଇଥିବା ବେଳେ ପୌରସଂସ୍ଥା ଅର୍ଥ ଆଦାୟରେ ବ୍ୟସ୍ତ ରହୁଛି । ରଥଯାତ୍ରା ଯୋଗୁଁ ସିଂହଦ୍ୱାର ଅଂଚଳ ମହାଖଳା, ଶ୍ରୀନଅର ନିକଟରେ ରଥଖଳା ଓ ଶ୍ରୀମନ୍ଦିର କାର୍ଯ୍ୟାଳୟ ରହିଛି । ବଡଦାଣ୍ଡ ଏବେ ଶ୍ରୀମନ୍ଦିର କାର୍ଯ୍ୟାଳୟ ନା ପୌରସଂସ୍ଥା ନା ଜାତୀୟ ରାଜପଥ କାହାର ଅଧିକାର ରହିଛି ତାକୁ ନେଇ ବଡଦାଣ୍ଡରେ ଚର୍ଚ୍ଚା ଜୋର୍ ଧରିଛି ।

କଂଟେନମେଂଟ ଜୋନ୍ ଘୋଷଣା କାଗଜପତ୍ରରେ ସୀମିତ : ପ୍ରଶାସନିକ ନିଷ୍କ୍ରିୟତାକୁ ନେଇ ଅସନ୍ତୋଷ

ଭଦ୍ରକ, ୧୯/୭ (ହି.ସ.) - ଜିଲାରେ ଆଜି ଆଉ ୧୦ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହି ୧୦ ଜଣଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୧୮ ରେ ପହଂଚିଛି । ଗତକାଲି ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ୫ ଜଣ କ୍ୱାରେନ ।ଇନ୍‌ରେ ହୋଇଥିବାବେଳେ ଅନ୍ୟ ୫ ଜଣ ଲୋକାଲ କଂଟାକ୍ଟ । ଭଦ୍ରକ ପୌରପାଳିକାର ୧୦ ନଂ ୱାର୍ଡର ଜଗନ୍ନାଥପୁରକୁ ବୁଧବାର ଠାରୁ କଂଟେନମେଂଟ ଜୋନ୍ ଘୋଷଣା କରାଯାଇଛି ବୋଲି ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସୂଚନା ଦେଇଥିଲେ । କିନ୍ତୁ ବାସ୍ତବରେ ଗୁରୁବାର ରାତିରେ ୧୦ ନଂ ୱାର୍ଡକୁ ଜଗନ୍ନାଥପୁରକୁ ବାଉଁଶ ବାଡ ଦେଇ ଅବରୋଧ କରାଯାଇଛି । ଭଦ୍ରକ ପୌରପାଳିକାର ଏହି ୱାର୍ଡର ସ୍ଥାନୀୟ ଆକ୍ରାନ୍ତଙ୍କୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ସଂପୃକ୍ତ ଆକ୍ରାନ୍ତଙ୍କ ସ୍ୱାବ୍ ଟେଷ୍ଟ ରିପୋର୍ଟ ମଙ୍ଗଳବାର ସନ୍ଧ୍ୟାରେ ପଜିଟିଭ୍ ଆସିଥିବା ଜଣାପଡିଥିଲା । ତାଙ୍କୁ ବୁଧବାର ସକାଳେ କଟକର ଏକ କୋଭିଡ୍ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ପ୍ରଶାସନ ପକ୍ଷରୁ ଏହି ଅଂଚଳକୁ କଂଟେନମେଂଟ ଅଂଚଳ ଘୋଷଣା କରାଯାଇଥିବା ଜିଲା ସୂଚନା ଅଧିକାରୀ ପ୍ରେସ୍ ରିଲିଜ୍ ଯୋଗେ ଗୁରୁବାର ଜଣାଇଥିଲେ । ସ୍ଥାନୀୟ ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ସଂପୃକ୍ତ ଅଂଚଳରେ ଭୟର ବାତାବରଣ ଖେଳିଯାଇଛି । ପ୍ରଶାସନ ପକ୍ଷରୁ ଅବରୋଧ ଅଂଚଳରେ ଯେପରି ବ୍ୟବସ୍ଥା ଗ୍ରହଣ କରିବା କଥା ସେତକ କରାଯାଇନାହିଁ ଓ ଏହା ପ୍ରଶାସନର ଦାୟିତ୍ୱହୀନ ଆଚରଣ ବୋଲି ଅଭିଯୋଗ ହୋଇଛି । ଅପରପକ୍ଷରେ ସଂପୃକ୍ତ ଆକ୍ରାନ୍ତଙ୍କ ଘର ବିଷ୍ଣୁପୁର ହୋଇଥିବାବେଳେ ଓ ଏହି ବ୍ୟକ୍ତି ନିଜ ଗାଁରେ ୨ ଦିନ କଟାଇଥିବାରୁ ସେଠିକାର ସରପଂଚ ମଧ୍ୟ ନିଜ ପଂଚାୟତକୁ କାହିଁକି କଂଟେନମେଂଟ ଅଂଚଳ ଘୋଷଣା କରାଯାଉନାହିଁ ବୋଲି ପ୍ରଶ୍ନ ଉଠିଛି । ଏଠାରେ ସୂଚନାଯୋଗ୍ୟ ସଂପୃକ୍ତ ସ୍ଥାନୀୟ ଆକ୍ରାନ୍ତ ଜଣେ ଅଧ୍ୟାପକ । ଗତ କିଛିଦିନ ପୂର୍ବେ ସେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୨ ଖାତା ଦେଖୁଥିଲେ । ଏହି ସମୟରେ ସେ ଶତାଧିକ ଅଧ୍ୟାପକ, କଲେଜ କର୍ମଚାରୀଙ୍କ ସଂସ୍ପର୍ଶରେ ଆସିଥିଲେ । ଏହାବ୍ୟତୀତ ଭଦ୍ରକ ମହାବିଦ୍ୟାଳୟ ଛକ ଅଂଚଳରେ ଭଡା ନେଇ ପରିବାର ସହ ରହୁଥିବା କଲୋନୀ ବାସିନ୍ଦାଙ୍କ ସମେତ ସଂପୃକ୍ତ ଅଂଚଳରେ ବହୁ ଲୋକଙ୍କ ସଂସ୍ପର୍ଶରେ ସଂପୃକ୍ତ ଅଧ୍ୟାପକ ଆସିଛନ୍ତି । ଏପରି ସ୍ଥଳେ କଟାକୁ ଟ୍ରେସିଂ କାର୍ଯ୍ୟ ମଧ୍ୟ କରାଯାଇନାହିଁ । ଅପରପକ୍ଷେ ଆଜି ଆଉ ୫ ଜଣ ସ୍ଥାନୀୟ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ତେଣୁ ସ୍ଥାନୀୟ ଆକ୍ରାନ୍ତ ଚିହ୍ନଟଙ୍କ ସଂଖ୍ୟା କ୍ରମାଗତ ବୃଦ୍ଧି ପାଉଥିବାରୁ ପ୍ରଶାସନ ଦାୟିତ୍ୱପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରିବା ଉଚିତ୍ ବୋଲି ସହରବାସୀଙ୍କ ପକ୍ଷରୁ ଦାବି ହୋଇଛି ।

ପରିବର୍ଦ୍ଧିତ ଦୁଇଶହ ଶଯ୍ୟା ବିଶିଷ୍ଟ ଜିଲ୍ଲା ଡାକ୍ତରଖାନା ଗୃହର ଭୂମିପୂଜନ

ନବରଙ୍ଗପୁର, ୧୯/୭ (ନି.ପ୍ର): ରାଜ୍ୟଯୋଜନା ବୋର୍ଡର ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଜିଲା ମୁଖ୍ୟ ମୁଖ୍ୟ ଡାକ୍ତରଖାନା ରେ ପରବର୍ଦ୍ଧିତଦୁଇଶହ ଶଯ୍ୟାବିଶିଷ୍ଟ ଡାକ୍ତରଖାନା ଗୃହର ଭୂମିପୂଜନ କରିଛନ୍ତି । ଏଥିପାଇଁ ରାଜ୍ୟ ସରକାରଙ୍କର ଦ୍ୱାରା ୧୦କୋଟି ୮୩ ଲକ୍ଷଟଙ୍କା ଖର୍ଚ୍ଚକରାଯିବ ବୋଲି କୁହାଯାଇଛି । ଏଥିରେ ସାଂସଦ ରମେଶ ଚନ୍ଦ୍ର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ରମାଝୀ, ଜିଲପରିଷଦ ଅଧ୍ୟକ୍ଷା ଭଗବତୀ ଭତରା, ଜିଲାପାଳଡଃ.ଅଜିତ୍ କୁମାର ମିଶ୍ର ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ.ସନ୍ତୋଷ କୁମାର ସ୍ୱାଇଁ ପ୍ରମୂଖ ଉପସ୍ଥିତ ଥିଲେ । ଶ୍ରୀଦାସବର୍ମା ଏହି ନୂତନ ଦୁଇଶହ ଶଯ୍ୟାବିଶିଷ୍ଟ ଡାକ୍ତରଖାନା ଗୃହ ନିର୍ମାଣ କରାଗଲେ ଏଠାରେ ଅଧିକ ରୋଗୀରହିବା ସହ ଚିକିତ୍ସା ସୁବିଧା ପାଇପାରିବେ ବୋଲି କହିଥିଲେ । ଏହି ଗୃହ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ରାସ୍ତା ଓ ଗୃହନିର୍ମାଣ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ସମସ୍ତେ ଏହି ପରିସରରେ କଦମ୍ବଚାରାରୋପଣ କରିଥିଲେ । ଜିଲାପାଳଡଃ.ମିଶ୍ର ଏହି ନୂତନ ଡାକ୍ତରଖାନା ଗୃହନିର୍ମାଣ କାର୍ଯ୍ୟର ଭୂମିପୂଜନ କରାଯାଇଥିବାରୁ ସେ ଶ୍ରୀ ଦାସବର୍ମାଙ୍କୁ କୃତଜ୍ଞତା ଜଣାଇଥିଲେ । ପରେ ସେ କୋଭିଡ ଡାକ୍ତରଖାନା ଓ ହିର୍ଲିଡଙ୍ଗର କୁ ଯାଇ ପରିଦର୍ଶନ କରିଥିଲେ । ଅପରାହ୍ନରେ ହେଲିକପ୍ଟର ଯୋଗେ ଭୂବନେଶ୍ୱର ଫେରିଯାଇଥିଲେ ।

ତୁମୁଡିବନ୍ଧ ବ୍ଲକର କୁରୁଡୁକୁପା ଓ ଭଣ୍ଡରଙ୍ଗି ପଂଚାୟତ ଅବହେଳିତ ଅବସ୍ଥାରେ

କନ୍ଧମାଳ, ୧୯/୭ (ନି.ପ୍ର): କନ୍ଧମାଳ ଜିଲ୍ଲାର ପଛୁଆ ଓ ଅନୁନ୍ନତ ବ୍ଲକ ଭାବେ ପରିଚିତ ତୁମୁଡିବନ୍ଧ ବ୍ଲକ । ସ୍ୱାଧିନତାର ୭୨ ବର୍ଷ ପରେ ବି ତୁମୁଡିବନ୍ଧ ବ୍ଲକର ଅନେକ ପଂଚାୟତ ଅବହେଳିତ ଅବସ୍ଥାରେ ଅଛି । ସେଥିରୁ ନବଗଠିତ ୨ଟି ପଂଚାୟତ କୁରୁଡୁକୁପା ଓ ଭଣ୍ଡରଙ୍ଗି ପଂଚାୟତ ବହୁତ ଅବହେଳିତ । ବ୍ଲକରେ ମୋଟ ୧୧ଟି ପଂଚାୟତ ରହିଛି । ଏହି ବ୍ଲକରେ ମୋଟ ୨୦୪ଟି ରାଜସ୍ୱ ଗ୍ରାମ ରହିଥିବା ବେଳେ ଅର୍ଦ୍ଧାଧିକ ଗ୍ରାମ ସଂପୂର୍ଣ୍ଣ ଅବହେଳିତ । ଯାହାକି ଦୁର୍ଗମ ଅଂଚଳରେ ରହିଛି । ବଡମିଲା, ବନ୍ଧଗୁଡା, ବିରିମିଲା, ଜଗଡି, ଜାଗୁ, କିଆଲଗୁଡା, ପିଡାମାହା, ତନିପଡା, ଟକଲାମିଲା, ମାର୍ଲାଙ୍ଗ ଆଦି ଅନେକ ଗ୍ରାମ ଗୁଡିକ ଦୁର୍ଗମ ଓ ପାହାଡ ଘେରା ମଧ୍ୟରେ ରହିଛି । ପଂଚାୟତକୁ ଆସିବା ଲାଗି ଭଲ ରାସ୍ତାଟିଏ ନାହିଁମଧ୍ୟ । ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ବ୍ୟବସ୍ଥା ନକହିବା ଭଲ । ସ୍କୁଲ ରହିଛି ହେଲେ ଶିକ୍ଷକ ଆସୁନାହାଁନ୍ତି । ଫଳରେ ପାଠପଢା ବିପର୍ଯ୍ୟସ୍ତ ହୋଇପଡିଛି ଏସବୁ ପଂଚାୟତରେ । ଏହି ନୂଆ ପଂଚାୟତ ଦୁଇଟି ସମେତ ବିଲାମାଳ, ଗୁମ୍ମା, ଝିରିପାଣି ଆଦି ପଂଚାୟତ ଅର୍ନ୍ତଗତ ଗାଁ ଗୁଡିକରେ ସାମୁହୀକ ବିକାଶ ଲାଗି ଗ୍ରାମବାସୀ ଦାବୀ କରି ଆସୁଥିଲେ ମଧ୍ୟ କେହି ଶୁଣିବାକୁ ନାହିଁ । ଚତୁର୍ଦ୍ଦଶ ଅର୍ଥ କମିଶନ ଓ ଚତୁର୍ଥ ଅର୍ଥ କମିଶନ ଅନୁଦାନ ଅର୍ଥରେ ଚଳିତ ବର୍ଷ କିଛି ରାସ୍ତା, କୁଅ, ପୋଖରୀ ଆଦି ଉନ୍ନୟନ ମୂଳକ କାର୍ଯ୍ୟ ମାନ କରାଯିବା ଲାଗି ହାତକୁ ନିଆଯାଇଥିବା ଜଣାପଡିଛି । ଏସବୁ କାର୍ଯ୍ୟ କରାଗଲେ ଅଂଚଳର ବିକାଶ ହୋଇପାରିବ । ଯନ୍ତ୍ରୀ, ଠିକାଦାର, ଗ୍ରାମସେବକ ଆଉ ଜିଆରଏସ୍ ମାନେ ଦୁର୍ନିତୀରୁ ଉର୍ଦ୍ଧ୍ୱରେ ରହି କାର୍ଯ୍ୟ କଲେ ଅଂଚଳର ବିକାଶ ସମ୍ଭବ ହୋଇପାରିବ ବୋଲି ବିଜେପି ନେତା ନେତ୍ର ମାନସେଠ କହିଛନ୍ତି । ତୁମୁଡିବନ୍ଧ ବିଡିଓ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବୀ ହେଉଛି ।

ଜିଲ୍ଲା ତମାମ ପ୍ରଶାସନର କଡା ଆଭିମୁଖ୍ୟ

ଧର୍ମଶାଳା, ୧୯/୭ (ନି.ପ୍ର): କରୋନା କବଳରେ ଯାଜପୁର ଜିଲାର ସମସ୍ତ ବ୍ଲକ । ଲୋକଙ୍କ ଜୀବନ ସବୁଠାରୁ ବଡ । କେରାନା ସଂଗ୍ରମଣକୁ ରୋକିବା ପାଇଁ ଜିଲା ପ୍ରଶାସନ ଲକ୍‌ଡାଉନକୁ ଆଜି କଡାକଡିଭାବେ ପାଳନ କରିଛି । ଆଜି ଏହାର ବିଶେଷଭାବେ ପ୍ରଭାବ ପଡିଛି ଧର୍ମଶାଳା, ବଡଚଣା ଓ ରସୁଲପୁର ବ୍ଲକରେ । ଆଜି ସକାଳୁ ଯାଜପୁର ଉପ-ଜିଲାପାଳ ନାରାୟଣ ଧଳ, ଜିଲା ଯୋଗାଣ ଅଧିକାରୀ ଇନ୍ଦ୍ରମଣୀ ନାୟକ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ପ୍ରମୁଖ ବଡଚଣା ବ୍ଲକ ଚଣ୍ଡିଖୋଲ ଛକ, ଧର୍ମଶାଳା ବ୍ଲକ ଜାରକାଛକ ଓ ରସୁଲପୁର ବ୍ଲକ କୁଆଖିଆ, ହରିପୁର ଆଦି ଅଂଚଳରେ ଂହଚି ଅମାନୀଆଙ୍କୁ ସାବାଡ କରିଥିବା ବେଳେ ବ୍ରହ୍ମବରଦା ପୁଲିସ ସଦଳବଳେ ବ୍ରହ୍ମବରଦା, ବନ୍ଧଡିହ, ମହେଶ୍ୱରପୁର, ଅରାବଳ ଆଦି ସ୍ଥାନରେ କଡା ପ୍ରହରା ଦେଇଛି । ବାଟରେ ଅମାନିଆମାନଙ୍କୁ ମାଡ ମାରିବା ସହିତ ଅନେକଙ୍କ ଚେତାବନୀ ଦେଇ ଛାଡି ଦେଇଛି । ଆଜିର କଡା ପ୍ରହରା ପରେ ଏହି ଅଂଚଳରୁ ସବୁ ବ୍ୟବସାୟ ପ୍ରତିଷ୍ଠାନ ବନ୍ଧ ରହିଥିଲା । ଏହି ଚଢାଉ ଜୁଲାଇ ଶେଷ ମାସ ଯାଏ ଚାଲୁ ରହିବ ବୋଲି ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ପରମାନନ୍ଦ ସେଠୀ ପ୍ରକାଶ କରିଛନ୍ତି ।

ଭୁବନ ରେ ସଟଡାଉନ ର ପଂଚମ ଦିନ : ସୀମାନ୍ତରେ ପୋଲିସର ନାକାବନ୍ଦି

ଭୁବନ, ୧୯/୭ (ନି.ପ୍ର): ଢେଙ୍କାନାଳ ଜିଲ୍ଲାରେ ଜୁଲାଇ ୩୧ ପର୍ଯ୍ୟନ୍ତ ପ୍ରତି ଶନିବାର ଓ ରବିବାର ଦୁଇଦିନ ସଟଡାଉନ ଘୋଷଣା କରାଯାଇଥିବା ବେଳେ ଆଜି ପଂଚମ ଦିବସରେ ଭୁବନରେ ସମସ୍ତ ଦୋକାନ,ବଜାର ଓ ଦୈନିକ ପରିବା ମାର୍କେଟ ସଂପୂର୍ଣ୍ଣ ବନ୍ଦ ଥିଲା । ସୀମାନ୍ତ ଯାଜପୁର ଜିଲ୍ଲା ଆଜିଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଲକଡାଉନ ହୋଇଥିବାରୁ ହଟଜୋନ ଯାଜପୁର ଜିଲ୍ଲାରୁ ଢେଙ୍କାନାଳ ଜିଲ୍ଲାକୁ ଲୋକଙ୍କ ପ୍ରବେଶ ନିଷିଦ୍ଧ କରିବା ଉଦ୍ଦେଶ୍ୟରେ ଭୁବନ ପୋଲିସ ପକ୍ଷରୁ ସୀମାନ୍ତ ଅନନ୍ତପୁର ଛକ, ନୂଆହାଟ ଓ ଟିପିଲେଇ ଠାରେ ଚେକପୋଷ୍ଟ (ନାକାବନ୍ଦି) କରାଯାଇଥିଲା । ଆଇଆଇସି ଜିତେନ୍ଦ୍ର କୁମାର ସାହୁ ଙ୍କ ନେତୃତ୍ୱରେ ସୁରପ୍ରତାପପୁର ଫାଣ୍ଡି ଅଧିକାରୀ ଲକ୍ଷ୍ମୀଧର ରଣା କର୍ମଚାରୀଙ୍କ ଗହଣରେ ଟିପିଲେଇ, ସୁରପ୍ରତାପପୁର, ବମୁଆଁ, ଯମୁନାକୋଟ, ମାର୍ଥାପୁର ପ୍ରଭୃତି ଗ୍ରାମକୁ ଯାଇ ସରକାରଙ୍କ କୋଭିଡ-୧୯ ନିୟମ ମାନି ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା, ବାରମ୍ବାର ସାବୁନ/ହାଣ୍ଡୱାସରେ ବାରମ୍ବାର ହାତ ଧୋଇବା, ଅତି ଜରୁରୀ ନଥିଲେ ବାହାରକୁ ନବାହାରିବା ପାଇଁ ଲୋକଙ୍କୁ ସଚେତନ କରାଇଥିଲେ । କାଁ ଭାଁ ଲୋକ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଥିଲା ବେଳେ କର୍ତବ୍ୟରତ ପୋଲିସ କର୍ମଚାରୀ ମାନେ ବାଇକରେ ଯାଉଥିବା ଲୋକଙ୍କୁ ଅଟକାଇ ପଚରାଉଚରା କରି ସନ୍ତୋଷ ଜନକ ଉତର ମିଳିବା ପରେ ଛାଡୁଥିବା ଦେଖିବାକୁ ମିଳିଥିଲା । ଭୁବନ ପୋଲିସ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ପ୍ରତ୍ୟେକ ସାହି, ଛକ ଓ ବଜାର ମାନଙ୍କରେ ୨/୩ ଜଣ ପୋଲିସ କର୍ମଚାରୀ ଡ୍ୟୁଟି କରୁଥିଲେ । ଅଗ୍ନିଶମ ବାହିନୀ ଙ୍କ

ପ୍ରି-ଡାଇବେଟିସ୍

ଡାଇବେଟିସ୍ ହେବା ପୂର୍ବରୁ ଜଣେ ବ୍ୟକ୍ତି ପ୍ରି- ଡାଇବେଟିସର ଶିକାର ହୋଇଥାଏ । ଦୈନନ୍ଦିନର କିଛି ଅଭ୍ୟାସ ଯୋଗୁଁ ଜଣେ ବ୍ୟକ୍ତିଙ୍କ ନିକଟରେ ଡାଇବେଟିସ୍ ବା ମଧୁମେହର ଆଶଙ୍କା ବଢ଼ିଯାଇଥାଏ । ଏହି ଅଭ୍ୟାସଗୁଡ଼ିକୁ ଜାଣିବା ଆସନ୍ତୁ । ଜୀବନଶୈଳୀରେ ଅନିୟମିତତା ଯୋଗୁଁ ଡାବେଟିସ୍ ଭଳି ବିପଜ୍ଜନକ ରୋଗ ହୋଇଥାଏ । ଡାଇବେଟିସ୍ ବା ମଧୁମେହ ସାଧାରଣତଃ ଏକ ବଂଶଗତ ରୋଗ । ପରିବାରରେ କାହାକୁ ହାଇବେଟିସ ହୋଇଥିଲେ ପରବର୍ତ୍ତୀ ପିଢ଼ିଙ୍କଠାରେ ଏହା ଦେଖାଯିବାର ଆଶଙ୍କା ଥାଏ । ଏକ ସର୍ଭେରୁ ଜଣାପଡ଼ିଛି ସାରା ବି୍ୱରେ ପ୍ରତି ୧୧ ଜରଙ୍କ ମଧ୍ୟରୁ ଜଣେ ଡାଇବେଟିସରେ ପୀଡ଼ିତ । ଡାଇବେଟିସ ହେବା ପୂର୍ବରୁ ଜଣେ ବ୍ୟକ୍ତି ନିକଟରେ କିଛି ଲକ୍ଷଣ ଦେଖାଯାଇଥାଏ । ଆମେ ଏହାକୁ ପ୍ରି ଡାଇବେଟିସ କହୁ ।

ଦିନ ଥିଲା ଜଣେ ବ୍ୟକ୍ତି ୪୦/୪୫ ବର୍ଷ ବୟସ ଅତିକ୍ରମ କଲେ ମଧୁମେହ ହେବା ଆଶଙ୍କା ରହୁଥିଲା ମାତ୍ର ଗତ କିଛି ବର୍ଷ ହେଲାଣି ଯୁବାବସ୍ଥାରେ, ଏପରିକି ଶିଶୁମାନେ ମଧ୍ୟ ଡାଇବେଟିସରେ ଆକ୍ରାନ୍ତ ହେଉଛନ୍ତି । ସାଧାରଣତଃ ଆଜିକାଲିର ଯୁବପିଢ଼ି ଏଭଳି କିଛି ଅଭ୍ୟାସର ବଶବର୍ତ୍ତୀ ହେଉଛନ୍ତି, ଯାହା ଡ)ାଇବେଟିସକୁ ଡାକି ଆଣିଥା, । ଏହି କାରଣରୁ ଆମ ଦେଶରେ ଡାଇବେଟିସ ରୋଗୀଙ୍କ ସହଖ୍ୟା ବଢ଼ିବାରେ ଲାଗିଛି । ଏକ ସର୍ଭେରୁ ଜଣାପଡ଼ିଛି ବର୍ତ୍ତମାନ ସାରା ବି୍ୱରେ ୪୧ କୋଟି ୫୦ ଲକ୍ଷରୁ ଅଧିକ ଡାଇବେଟିସ ରୋଗୀ ଅଛି । ଦୈନନ୍ଦିନ ଜୀବନର ଏଭଳି କିଛି ଅଭ୍ୟାସ ବିଷୟରେ ଜାଣିବା ଆସନ୍ତୁ, ଯାହା ଦ୍ୱାରା ଡାବେଟିସ ହେବାର ଆଶଙ୍କାଥାଏ ।

ବାହାରର ଖାଇବା : ବର୍ତ୍ତମାନ ଘରେ ପ୍ରସ୍ତୁତ ଖାଦ୍ୟ ଖାଇବା ଅପେକ୍ଷା ବାହାରେ ଖାଇବାକୁ ଅଧିକ ଲୋକ ପସନ୍ଦ କରୁଛନ୍ତି । ଏହା ଏକ ପ୍ରକାର ଫ୍ୟାସନ ପାଲଟିଗଲାଣି । ବାହାର ଖାଦ୍ୟରେ ହାନିକାରକ କେମିକାଲ ଏବଂ ଯେଷ୍ଟ ,ନହେନ୍ବର ମିଶାଇଯାଇଥା, । ଏଗୁଡ଼ିକ ମିଶାଯିବା ଦ୍ୱାରା ଖାଦ୍ୟ ପଦାର୍ଥ ପାଟିକୁ ସୁଆଦିଆ ଲାଗୁଥିଲେ ବି ଶରୀର ପାଇଁ ହାନିକାରକ ହୋଇଥାଏ । ଏହାଛଡ଼ା ରେଷ୍ଟୁରାଣ୍ଟରେ ମିଳୁଥିବା ଅଧିକାଂଶ ଖାଦ୍ୟ ପ୍ରୋସେସଡ ହୋଇଥାଏ । ଏଥିରେ ଫ୍ୟାଟ୍, କୋଲେଷ୍ଟ୍ରଲ, ଏବଂ କେମିକାଲର ମାତ୍ରା ଅଧିକ ଥାଏ। କଫି, ପ୍ୟାକେଟବନ୍ଦ ଟିସ୍ସ, ବର୍ଗର, ପିଜା ଆଦି ଅଧିକ ଖାଇବା ଦ୍ୱାରା ପ୍ରି-ଡାଇବେଟିସର ବିପଦ ବଢ଼ିଥାଏ ।

ଫଳ ବଦଳରେ ଜୁସ୍:

ବର୍ତ୍ତମାନର ଅଧିକାଂଶ ସ୍ୱାସ୍ଥ୍ୟ ସଚେତନ ବ୍ୟକତି ଫଳ ରସ ପିଇବାକୁ ପସନ୍ଦ କରିଥାନ୍ତି । ଜୁସ ବା ଳରସ ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି ଆମ ସମସ୍ତଙ୍କର ଧାରଣା ରହିଛି । ମାତ୍ର ଆପଣ ଜାଣି ଆଶ୍ଚର୍ଯ୍ୟ ହେବେଳ ଫଳ ରସ ଡାଇବେଟିସ ହେବାର ବିପଦକୁ ବଢ଼ାଇଥାଏ । ତେଣିକି ସେ ପ୍ୟାକେଟବନ୍ଦ ଫଳରସ ହେଉକି ତାଜା ଫଳର ଜୁସ, ଏହାକୁ ନିୟମିତ ପିଇବା ଦ୍ୱାରା ଡାଇବେଟିସର ବିପଦ ବଢ଼ିଯାଏ ତେଣୁ ଜୁସ ପିଇବା ବଦଳରେ ଆପଣ ଫଳ ଚୋବାଇ ଖାଇବା ଉଚିତ । ଫଳରେ ଫାଇବର ଥାଏ, ଯାହା ପେଟକୁ ଯିବା ପରେ ଧୀରେ ଧୀରେ ଗ୍ଲୁକୋଜ ରିଲିଜ କରିଥାଏ । ଅନ୍ୟପକ୍ଷରେ ଯେତେବେଳେ ଆପଣ ଜୁସ ପିଅନ୍ତ, ଆପରଙ୍କ ଶରୀରରେ ଗ୍ଲୁକୋଜର ସ୍ତର ବଢ଼ିଯାଏ । ଦୀର୍ଘଦିନ ଧରି ଏହି ଅଭ୍ୟାସଦ ଜାରି ରହିଲେ ପ୍ରି ଡାଇବେଟିସର ଆଶଙ୍କା ବଢ଼ିଯାଏ ।

ଅଧିକ ସମୟ ଧରି ଫୋନରେ ବ୍ୟସ୍ତ ରହିବା:

ଏକ ଅଧ୍ୟୟନରୁ ଜଣାପଡ଼ିଛି, ମୋବାଇଲ, ଲ୍ୟାପଟପ ଏବଂ କମ୍ପ୍ୟୁଟର ଅଧିକ ବ୍ୟବହାର କରୁଥିବା ଲୋକମାନେ ଶାରୀରିକ ବ୍ୟାୟାମ କରିବା ପାଇଁ ଅଧିକ ସମୟ ପାଆନ୍ତି ନାହିଁ । ବର୍ତ୍ତମାନର ଅଧିକାଂଶ ଯୁବକ, ଯୁବତୀ କୌଣସି ନା କୌଣସି ଗ୍ୟାଜେଟରେ ଅଧିକ ସମୟ ବ୍ୟସ୍ତ ରହନ୍ତି। ଫଳରେ ଏମାନଙ୍କଠାରେ ମଧୁମେହର ଆଶଙ୍କା ବଢ଼ିଯାଏ । ଆପଣ ବ୍ୟାୟମ କରନ୍ତୁ ବା ନ କରନ୍ତୁ, ମାତ୍ର ଘର ସଫାସୁତରା, ଲୁଗାପଟା ସଫା, ଖାଦ୍ୟ ପ୍ରସ୍ତୁତି, ସକାଳ କିମ୍ବା ସଞ୍ଜରେ ପାର୍କରେ ବୁଟଲିବା, ଲିଫ୍ଟ ବଦଳରେ ସିଡ଼ିରେ ଯିବା ଆସିବା କରିବା ଉଚିତ । ଘର ପାଖ ଦୋକାନକୁ ଗଲେ ବାଇକ ବଦଳରେ ଚାଲିଚାଲି କିମ୍ବା ସାଇକେଲ ନେଇ ଯିବା ଉଚିତ ।

ଠିକରେ ଶୋଇ ନ ପାରିବା:

ନିଦ ସହିତ ସ୍ୱାସ୍ଥ୍ୟର ଗଭୀର ସମ୍ପର୍କ ରହିଛି । ଯଦି ଆପଣ ଦୈନିକ ରାତିରେ ୭ଘଣ୍ଟା ଶୋଇପାରୁ ନାହାନ୍ତି, ତେବେ ଶରୀରର ଷ୍ଟ୍ରେସ୍ ବା ଚାପ ଦୂର ହୁଏ ନାହିଁ । ଯଦି ଆପଣ ଭଲକରି ଶୋଇପାରିବେ ନାହିଁ, ଆପଣଘଙ୍କ ଶରୀରରେ ଏଡ୍ରୋନାଲିନ ନାମକ ହରମୋନ ବଢ଼ିବାରେ ଲାଗେ, ଯଦ୍ୱାରା ଶରୀର ଅଧିକ ମାତ୍ରାରେ ଗ୍ଲୁକୋଜ ରିଲିଜ କରିଥାଏ । ଦୀର୍ଘ ଦିନ ଧରି ଭଲ ଶୋଇ ନ ପାରିଲେ ଆପରଙ୍କୁ ଡାବେଟିସ ହେବା ଆଶଙ୍କା ବଢ଼ିଯାଏ ।

ଧୂମପାନ :

ସିଗାରେଟ୍, ହୁକା ଭଳି ଧୂମପାନ ଧୀରେଧୀରେ ଯୁବଗୋଷ୍ଠୀଙ୍କୁ କବଳିତ କରିଚାଲିଛି । ତମ୍ବାକୁ ଏବଂ ନିକୋଟିନ ଥିବା ଏହି ଉତ୍ପାଦ ବ୍ୟବହାର କରିବା ଦ୍ୱାରା ରକ୍ତ ସଞ୍ଚାଳନ ଧୀମା ହୋଇଯାଏ ଏବଂ ମାଂସପେଶୀର ଉତ୍ତେଜନା ବୃଦ୍ଧିପାଏ । ଏହା ଦ୍ୱାରା ଶରୀରରେ ଇନସୁଲିନ କ୍ଷରଣ କ୍ଷମତା କମିଯାଏ। ଫଳରେ ମଧୁମେହର ଆଶଙ୍କା ବଢ଼ିଯାଏ ।

ଉପରୋକ୍ତ ଅଭ୍ୟାସ ସବୁକୁ ତ୍ୟାଗ କରି ଆପଣ ଚାହିଁଲେ ସୁସ୍ଥ ଜୀବନଯାପନ କରିପାରିବେ ।

କୁକୁରକୁ ଚୁମ୍ବନ ଦେଇ ହାତ-ଗୋଡ଼ ହରାଇଲେ ମହିଳା

ଅନେକ ଲୋକ ସଉକରେ ପୋଷା କୁକୁର ପାଳିଥିଲେ । ହେଲେ ଏପରି ଏକ ସଉକ ଜଣେ ମହିଳାଙ୍କୁ ତାଙ୍କ ହାତ ଗୋଡ଼ ହରାଇବାକୁ ବ୍ୟ୍ମ କରିଛି । ମହିଳା ଜଣଙ୍କ ବଡ଼ ଶ୍ରଦ୍ଧାରେ ଏକ ଜର୍ମାନ ସେଫର୍ଡ କୁକୁର ପାଳିଥିଲେ । ମେରି ନାମକ ଏହି ମହିଳା ଜଣଙ୍କ ପେଶାରେ ଡଗ ଟ୍ରେନର ଅଟନ୍ତି । ସେ ନିତ ସ୍ୱାମୀ ଓ ନାତିଙ୍କ ସହ ଟ୍ରପିକାଲ ଜଙ୍ଗଲକୁ ଛୁଟି କାଟିବାକୁ ଯାଇଥିଲେ । ହେଲେ ସେଠାରେ ସେ ଅଚାନକ ବେହୋସ ହୋଇଯାଇଥିଲେ । ପରେ ତାଙ୍କୁ ସ୍ୱାମୀ ତାଙ୍କୁ ଓହିଓ ସ୍ଥିତ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମହିଳାଙ୍କ ଜୀବନ ବଞ୍ଚାଇବା ପାଇ ଡାକ୍ତରଙ୍କୁ ୮ଟି ଅପରେସନ କରିବାକୁ ପଡ଼ିଥିଲା । ୯ଦିନ ଧରି ମହିଳା ଜଣଙ୍କ ଆଇସିୟୁରେ ରହିଥିଲେ । ଚେତା ଫେରିବା ପରୋ ଜାଣିପାରିଥିଲେ ଯେ, ତାଙ୍କର ଦୁଇହାତ ଓ ସୁଇଗୋଡ଼ କଟାଇଛି । ଡାକତତରଙ୍କ କହିବା ଅନୁସାରେ ଏହା ଏକ ବିରଳ ରୋଗ । ମହିଳାଙ୍କ ଶରୀରର ରଙ୍ଗ ଏହି କାରଣରୁ ବାରମ୍ବାର ବଦଳୁଥିଲା । ଏହି ରୋଗ ବୁଝିବା ଆମ ପାଇଁ ବଡ଼ କଷ୍ଟକର ଥିଲା । ହେଲେ ଶେଷରେ ଆମେ ଏଥିରେ ସଫଳତା ପାଇଛୁ । ମହିଳାଙ୍କୁ ନିଜ ପୋଷା କୁକୁରରୁ ସଂକ୍ରମଣ ହୋଇଥିଲା । ଏହା କେପନୋସାଇଟୋଫିଗା କେନିମୋରସ ନାମକ ଜୀବାଣୁ ଦ୍ୱାରା ସଂକ୍ରମିତ ହୋଇଥିଲା । ଏହି ସଂକ୍ରମଣ ତାଙ୍କୁ କୁକୁରକୁ ଚୁମ୍ବନ କାରଣରୁ ହୋଇଥିଲା ।

ମିଳିଲା ବିଶ୍ୱର ସବୁଠୁ ବଡ଼ ଶୁଆର ଜୀବାଶ୍ମ

ବୈଜ୍ଞାନିକମାନେ ନ୍ୟୁଜିଲାଣ୍ଡରେ ବିଶ୍ୱର ସବୁଠୁ ବଡ଼ ଶୁଆର ଜୀବାଶ୍ମ ପାଇବାରେ ସଫଳ ହୋଇଛନ୍ତି । ଏହି ଶୁଆର ଲମ୍ବ ୧ ମିଟର ଏବଂ ଓଜନ ୭କିଲୋଗ୍ରାମ ସେତେବେଳେ ଥିବା କୁହାଯାଉଛି । ବାୟୋଲୋଜି ଲେଟର୍ସ ନାମକ ଜର୍ଣ୍ଣାଲରେ ଏହି ଶୁଆ ସମ୍ପର୍କରେ ବିସ୍ତାର ତଥ୍ୟ ଉପସ୍ଥାପିତ କରାଯାଇଛି । ଏହାର ଆକାର ଓ ଓଜନ ଆଧାରକୁ ନେଇ ବୈଜ୍ଞାନିକମାନେ ଏହାକୁ ହେରାକ୍ଲିଜ ଇନକ୍ସସ୍ପେକ୍ଟସ ନାମ ଦେଇଛନ୍ତି । ଏହା ଏକ ବଡ଼ ସଫଳତା ବୋଲି କୁହାଯାଉଛି । ରିପୋର୍ଟରେ ଉଲ୍ଲେଖ ହୋଇଛି ଯେ, ନ୍ୟୁଜିଲାଣ୍ଡ ସବୁବେଳେ ବିଶାଳକାୟ ପକ୍ଷୀଙ୍କ ପାଇଁ ପରିଚିତ । ପୂର୍ବରୁ ଏଠାରେ ଅନେକ ବିଶାଳକାୟ ପକ୍ଷୀଙ୍କ ଜୀବାଶ୍ମ ମିଳିଛି । କୁହାଯାଉଛି ଯେ, ଏହି ଶୁଆର ଜୀବାଶ୍ମ ୧.୯କୋଟି ବର୍ଷ ପୁରୁଣା । ଏହାର ଥଣ୍ଟ ଏତେ ଶକ୍ତିଶାଳୀ ଯେ ପଥରକୁ କଣା ପକରିବାର ଦକ୍ଷତା ଏହା ରଖେ ।

ପ୍ରତିଶ୍ରୁତି ପାଳନ ନ କରିବାରୁ ମହିଳାଙ୍କ ପୋଷାକ ପିନ୍ଧାଇ ନେତାଙ୍କୁ ବଜାରରେ ବୁଲାଇଲେ

ଏଠାରେ ଏକ ନିଆରା ମାମଲା ସାମ୍ନାକୁ ଆସିଛି । ଜଣେ ନେତା ନିର୍ବାଚନ ଦେଇଥିବା ତାଙ୍କ ପ୍ରତିଶ୍ରୁତି ପୁରଣ କରିପାରିନଥିବାରୁ ଲୋକେ ତାଙ୍କୁ ଦେଇଛନ୍ତି ଉଚିତ୍ ଶିକ୍ଷା। ଏହି ନେତାଙ୍କୁ ସ୍ଥାନୀୟ ଲୋକେ ମହିଳାଙ୍କ ପୋଷକ ପିନ୍ଧାଇ ବଜାରରେ ବୁଲାଇଥିଲେ । ମିଡିଆ ରିପୋର୍ଟ ଅନୁସାରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏହି ଫଟୋ ମେକ୍ସିକୋର ହୁଇକ୍ସଟାନ ପ୍ରାନପ୍ତରର ମେୟର ଜାଭିୟର ଜିମେନେଜଙ୍କର । ସେ ନିର୍ବାଚନ ପୂର୍ବରୁଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ, ସହରରେ ପାଣିର ସମସ୍ୟା ଦୂର କରିବେ । ଏଥିପାଇଁ ୧କୋଟି ୮ଲକ୍ଷ ଟଙ୍କା ଆବଣ୍ଟିତ ହେବ । କିନ୍ତୁ ସେ ଏହା କରିନଥିଲେ । ଏହି କାର୍ଯ୍ୟରେ ମ୍ନ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଏହାକୁଚ ନେଇ ସ୍ଥାନୀୟ ଲୋକେ ନିଜ ଅସନ୍ତୋଷ ଜାହିର କରିବା ପାଇଁ ମେୟରଙ୍କୁ ମହିଳା ପୋଷାକ ପିନ୍ଧାଇ ସହର ବୁଲାଇଥିଲେ ଏବଂ ୪ଦିନ ବନ୍ଧକ ରଖିଥିଲେ । ସ୍ଥାନୀୟ ଲୋକେ ଆହୁରି ଧମକ ଦେଇଛନ୍ତି ଯେ, ଯଦି ଆଗକୁ ସେ ନିର୍ବାଚନ ପ୍ରତିଶ୍ରୁତିପୂରଣ ନକରନ୍ତି ତେବେ ତାଙ୍କୁ ଲଣ୍ଡା କରି ରାସ୍ତାରେ ବୁଲାଯିବ।

ରାମେଶ୍ୱରମ ମନ୍ଦିରରେ କଲାମଙ୍କ ପ୍ରତିମୂର୍ତ୍ତି

ଦେଶରେ ମିଶାଇଲ ମ୍ୟାନ ନାମରେ ପ୍ରସିଦ୍ଧ ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏପିଜେ ଅବଦୁଲ କାଲାମଙ୍କର ପ୍ରତିମା ରାମେଶ୍ୱରମର ଏକ ମନ୍ଦିରରେ ସ୍ଥାନ ପାଇଛି । ରାମେଶ୍ୱରମର ଏହି ସ୍ଥାନରେ କଲାମ ଜନ୍ମ ଗ୍ରହଣ କରିଥିଲେ । ସେ ତାଙ୍କର ଜୀବନର ପ୍ରଥମ ଭାଗ ସେଠାରେ ଅତିବାହିତ କରିଥିଲେ । ପରବର୍ତ୍ତୀ ସମୟରେ ଦେଶ ସେବାରେ ସେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ରାମେଶ୍ୱରମ କେବଳ କଲାମଙ୍କର ଉନ୍ମସ୍ଥାନ ନୁହେଁ ଏହା ହିନ୍ଦୁମାନଙ୍କର ଏକ ପବିତ୍ର ସ୍ଥାନ ଭାବରେ ମଧ୍ୟ ପ୍ରସିଦ୍ଧ । ଏହା ବ୍ୟତୀତ ସେଠାରେ ସ୍ଥାପିତ ଶିବ ଲିଙ୍ଗ ବାରଟି ଜୋର୍ତିଲିଙ୍ଗ ମଧ୍ୟରୁ ଅନ୍ୟତମ । ଡ. କଲାମଙ୍କର ରାମେଶ୍ୱରମର ପେଇକାରମ୍ବୁରେ ସ୍ଥିତ ତାଙ୍କର କବରକୁ ଦର୍ଶନ ପାଇଁ ଭିଡ଼ ଲାଗି ରହିଥାଏ । ଏହି ଲୋକମାନେ ମନ୍ଦିରରେ ସ୍ଥାପିତ ଭଗବାନଙ୍କ ସିହିତ ତାଙ୍କର ଗୁରୁଙ୍କର ମଧ୍ୟ ଦର୍ଶନ କରିଥାନ୍ତି । ରାମେଶ୍ୱରକୁ ଯାଉଥିବା ବସଗୁଡ଼ିକ ଏବେ ପେଇକାରାମ୍ବୁରେ ରହୁଛି । ଯେଉଁଲୋକମାନେ ମନ୍ଦିରର ଦର୍ଶନ କରିବାକୁ ଆସୁଛନ୍ତି ସେମାନେ ଡ. କଳାମଙ୍କର ଦ୍ୱିତୀୟ ପୂଣ୍ୟତିଥିରେ ଏହି ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିଲା । ଏହି ପ୍ରତି ମୂର୍ତ୍ତି ଅନାବରଣ କରାଯାଇଥିଲା । ଏହି ପ୍ରତିମୂର୍ତ୍ତି ଆଗରେ କୋରାନ ରଖାଯାଇଛି । କଲାମଙ୍କୁ ଲୋକମାନେ ଆଜି ମଧ୍ୟ ଭଗବାନ ଭାବରେ ପୂଜା କରୁଛନ୍ତି । ବୋଧହୁଏ ସେଥିପାଇଁ ରାମେଶ୍ୱରମର ମନ୍ଦିରରେ ତାଙ୍କର ମୂର୍ତ୍ତି ସ୍ଥାପିତ ହୋଇଛି । ତାଙ୍କର ଦ୍ୱିତୀୟ ପୁଣ୍ୟତିଥି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାମେଶ୍ୱରମରେ ତାଙ୍କ ନାମରେ ଏକ ମେମୋରିଆଲର ଉଦଘାଟନ ମଧ୍ୟ କରିଥିଲେ ।

ହିତକାରୀ କଳା ଚା

- କଳା ଚା ଦୈନିକ ସକାଳେ ୧କପ୍ ପିଇଲେ ଶରୀରର ଚର୍ବି କମ ହେବା ସହ ଓଜନ ନିୟନ୍ତ୍ରିତ ହୋଇଥାଏ ।
- ଏହା ସହ କଳା ଚା ପିଇବା ଦ୍ୱାରା ଶରୀରର କୋଲେଷ୍ଟରଲ ନିୟନ୍ତ୍ରିତତ ରୀହିବା ସହ ରକ୍ତସଞ୍ଚାଳନ ଭଲ ଭାବରେ ହୁଏ । ହୃଦ ରୋଗୀ କିମ୍ବା ହୃଦଯନ୍ତ୍ର ସମ୍ପର୍କିତ ରୋଗ ଥିବା ବ୍ୟକ୍ତିମାନେ ନିୟମିତତ କଳା ଚା ପିଇବା ଉତ୍ତ ବୋଲି ବିଶେଷଜ୍ଞଙ୍କ ମତ ।
- ପ୍ରତ୍ୟହ କଳା ଚା ପିଇଲେ କର୍କଟ ପ୍ରତିରୋଧୀ ଶକ୍ତି ମ୍ନ ଶରୀରରେ ବୃଦ୍ଧି ପାଇଥାଏ ।
- ଏହି ଚା ପିଇଲେ ମାନସିକ ଚାପ କମ ହେବା ସହ ଆରାମ ଲାଗୁଥିବାର ପ୍ରକାଶ ।

ବିଲେଇଙ୍କ ନିମିତ୍ତ ସ୍ୱତନ୍ତ୍ର 'କ୍ୟାପସୁଲ ବ୍ୟାଗ୍'

କେବଳ ବିଦେଶରେ ନୁହେଁ, ଏବେ ଭାରତରେ ମଧ୍ୟ ଅଧିକାଂଶ ଲୋକ କୁକୁର ଓ ବିଲେଇକୁ ପାଳୁଥିବାର ଦେଖାଯାଉଛି । ଏହା ସହ ସେମାନଙ୍କ ରରକ୍ଷଣାବେକ୍ଷଣରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବାକୁ ଆଦୌ ପଛାଉନାହାନ୍ତି । ଲଣ୍ଡନରେ ୧୨%ରୁ ଅଧିକ ଲୋକ ବିଲେଇକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରୁଥିବାର ଏକ ସର୍ବେକ୍ଷରରୁ ଜଣାପଡ଼ିଛି । ବିଲେଇଙ୍କ ଆଦର, ଯତ୍ନ ନିଜ ପିଲାଙ୍କ ଠାରୁ ଲୋକେ ଅଧିକ କରୁଥିବାର ଦେଖାଯାଉଛି । ଲଣ୍ଡନର ଏକ ନାମୀ କମ୍ପାନୀ ଲୋକଙ୍କର ଏଭଳି ଆଗ୍ରହ ଦେଖି ଏକ ସୁନ୍ଦର ତଥା ଡିଜାଇନର କ୍ୟାପସୁଲ ବ୍ୟାଗ ତିଆରି କରିଛି । ବିଲେଇଙ୍କୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଭାବେ ଏଇ ବ୍ୟାଗ ତିଆରି କରିଛି କମ୍ପାନୀ । ଏଇ ବ୍ୟାଗରୋ ବିଲେଇକୁ ଭର୍ତ୍ତି କରି ମାଲିକ ଆରାମରେ ଯେ କୌଣସି ସ୍ଥାନକୁ ଯାଇପାରିବ । ବିଲେଇ ଏଇ ବ୍ୟାଗରେ ଥିବାବେଳେ ନିଶ୍ୱାସ- ପ୍ରଶ୍ୱାସରେ ମଧ୍ୟ କୌଣରସି ଅସୁବିଧା ଉପୁଜେନାହିଁ। ମାଲିକ କାନ୍ଧରୋ ଏଇ ବ୍ୟାକ୍-ପ୍ୟାକକୁ ପକାଇ ସବଚୁ ସ୍ଥାନକୁ ଯାଇପାରିବେ । କ୍ୟାପସୁଲବ୍ୟାଗର ମୂଲ୍ୟ ୫ହଜାରରୁ ଆରମ୍ଭ ହୋଇ ୧୫ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି ।

ଦହି ଖାଇବା ଉପକାରୀ

ଖାଦ୍ୟ ବିଶେଷଜ୍ଞଙ୍କ ମତରେ ନିୟମିତ ଦହି ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକାରୀ । ଏହା ପେଟ ଥର୍ଡା ରଖିବା ସହ ଖାଦ୍ୟ ଶୀଘ୍ର ହଜମ କରାଇଥାଏ ।

ଦହିରେ ପ୍ରୋଟିନ, କ୍ୟାଲସିୟମ, ଭିଟାମିନ, ଲାକ୍ଟୋଜଲୌହ, ଫସଫରସ ତତ୍ତ୍ୱଗୁଡ଼ିକ ଭରପୂର ଥିବାରୁ ତାହା ଶରୀରକୁ ଶକ୍ତି ଯୋଗାଇଥାଏ ।

ଦ୍ୱିପହର ଭୋଜନରେ ଦହି ଖାଉଥିବା ଲୋକଙ୍କ ମସ୍ତିଷ୍କ ଶାନ୍ତ ରହେ ଓ ଭଲ ନିଦ ହେଉଥିବାର ପରୀକ୍ଷାରୁ ଜଣାପଡ଼ିଛି। ଦହିରେ ମହଜୁଦ୍ ରଖିବା ସହ କୋଷ୍ଠକାଠିନ୍ୟ ସମସ୍ୟା ଦୂର କରେ ।

ନିୟମିତ ଭାବରେ ଏହାକୁ ଖାଉଥିବା ଲୋକଙ୍କୁ ସଂକ୍ରାମକ ରୋଗ ସହଜରେ ଆକ୍ରମଣ କରିପାରିନଥାଏ ବୋଲି ବିଶେଷଜ୍ଞଙ୍କ ମତ । ଗରମଦିନେ ଏହା ଏକ ସର୍ବୋତ୍ତମ ପାନୀୟ । ଦହି ଗରମରେ ପିଇଲେ ଶରୀରକୁ ଶୀତଳତା ପ୍ରଦାନ କରେ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଚେତାବନୀ...

କରୋନା ମହାମାରୀର ଭୟାବହତାକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାନିର୍ଦ୍ଦେଶକ ଟେଡ୍ରୋସ୍ ଅଧାନୋମ ଘିବ୍ରେସସ୍ ଜେନେଭା ଠାରେ ଗତ ଦୁଇଦିନ ତଳେ ବିଶ୍ୱବାସୀଙ୍କ ଉଦ୍ଦେଶ୍ୟରେ ଯେଉଁ ଚରମ ଚେତାବନୀ ଶୁଣାଇଛନ୍ତି ତାହା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ । ଡକ୍ଟର ଘିବ୍ରେସସ୍ କହିଛନ୍ତି ଯେ ଆଗକୁ କରୋନାକୁ ନେଇ ବିଶ୍ୱବାସୀଙ୍କୁ ମହାବିପର ସାମ୍ନା କରିବାକୁ ପଡ଼ିପାରେ । ଏ ମହାମାରୀ ନିକଟ ଭବିଷ୍ୟତରେ ବିଶ୍ୱରୁ ମୂଳୋତ୍ପାଟନ ହେବାର ନାହିଁ । ତେଣୁ ଯେଉଁ ଅତୀତକୁ ଆମେ ଛାଡ଼ିଆସିଛେ, ତାହା ଆଉଥରେ ଆମ ପାଖରେ ଉପଲବ୍ଧ ହୋଇନପାରେ । ଏହା ନିଶ୍ଚିତ ଭାବେ ଉଦ୍‌ବେଗର କାରଣ । ତାଙ୍କର ଚେତାବନୀ ଅନୁସାରେ ବିଶ୍ୱର କେତେକ ରାଷ୍ଟ୍ରରେ ଏହି ମହାମାରୀ ସଂକ୍ରମଣରେ ସାମାନ୍ୟ ଉପଶମ ମିଳିଥିବା ବେଳେ ଅନେକ ରାଷ୍ଟ୍ର ଏହାକୁ ଗୁରୁତ୍ୱର ସହ ଗ୍ରହଣ କରୁନାହାନ୍ତି । ଯାହା ଫଳରେ ଏହି ମହାମାରୀ ଅଧିକ ଭୟଙ୍କର ଆକାର ଧାରଣ କରିଚାଲିଛି । ଯଦି ସଭିଏଁ ମୌଳିକ ସତର୍କତା ଅବଲମ୍ବନ ନକରନ୍ତି ତେବେ ପରିସ୍ଥିତି ଅଣଆୟତ୍ତ ହୋଇପଡ଼ିବ । କରୋନା ଏବେ କୌଣସି ଗୋଟିଏ ରାଷ୍ଟ୍ରର ନୁହେଁ ସମଗ୍ର ମାନବ ସମାଜ ସକାଶେ ଗଣଶତ୍ରୁ ପାଲଟିଛି । ଗତ ଚାରିମାସର କରୋନା ଆତଙ୍କକୁ ଲକ୍ଷ୍ୟକଲେ ଡକ୍ଟର ଘିବ୍ରେସସ୍‌ଙ୍କ ଏଭଳି ଉକ୍ତିରେ ନିଶ୍ଚିତ ସତ୍ୟତା ରହିଛି ବୋଲି ବିଶ୍ୱାସ କରାଯାଇପାରିବ । ଏବେ ସାରା ବିଶ୍ୱରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଏକକୋଟି ୩୦ ଲକ୍ଷକୁ ଟପି ସାରିଲାଣି । ପୁଣି ଏଥିରେ ଆକ୍ରାନ୍ତ ହୋଇ ୫ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇ ସାରିଲେଣି । ବର୍ତ୍ତମାନର ବିଜ୍ଞାନ ଯୁଗରେ ଯଦି ଏକ ବିଶ୍ୱଯୁଦ୍ଧ ଲାଗିଥାନ୍ତା ତେବେ ହୁଏତ ଏହାଠାରୁ କମ୍ ଲୋକଙ୍କ ପ୍ରାଣନାଶ ଘଟିଥାନ୍ତା । ଏଭଳି ପରିସଂଖ୍ୟାନ ଯେତିକି ଗୁରୁତର ନୁହେଁ ପ୍ରତିଦିନ ବିଶ୍ୱର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରରେ ଯେତିକି ସଂଖ୍ୟକ ନୂଆ କରୋନା ପଜିଟିଭ୍ ଚିହ୍ନଟ ହେଉଛନ୍ତି ତାହା ଉଦ୍‌ବେଗର କାରଣ । ଏବେ ଦିନକୁ ହାରାହାରି ୨,୩୦,୦୦୦ ନୂଆ ରୋଗୀ ଚିହ୍ନଟ ହେଉଛନ୍ତି । ତେଣୁ ସେମାନଙ୍କର ଚିକିତ୍ସା ଦରକାର । କିନ୍ତୁ ଦିନକୁ ଦିନ ଚିକିତ୍ସା ସେବା ଜଟିଳ ହୋଇପଡୁଛି । କାରଣ ଡାକ୍ତରଖାନାରେ ବେଡର ଅଭାବ । ଏହା କେବଳ ଭାରତ କିମ୍ବା କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ରାଷ୍ଟ୍ରର ସମସ୍ୟା ନୁହେଁ, ସମଗ୍ର ବିଶ୍ୱର ଚିନ୍ତା । ତେଣୁ କରୋନା ମହାମାରୀ ଆରମ୍ଭ ହେବା ଦିନଠାରୁ ଉଣା ଅଧିକେ ସବୁ ରାଷ୍ଟ୍ର ଏଥିପାଇଁ ବିଶେଷ ସମର୍ପିତ ହସପିଟାଲମାନ ସ୍ଥାପନ କରିଛନ୍ତି ଏବଂ ସେଠାରେ ଭେଣ୍ଟିଲେଟର ସମେତ ଅନ୍ୟାନ୍ୟ ଜରୁରି ସଂସାଧନର ବ୍ୟବସ୍ଥା କରାଯାଇଛି । କେବଳ ଯେ ଚିକିତ୍ସା ସୁବିଧା କରିଦେଲେ କରୋନା ଉପରେ ବିଜୟ ହାସଲ କରିହେବ ତାହା ନୁହେଁ । ଏଥିପାଇଁ ଯାହା ସର୍ବପ୍ରଥମେ ଆବଶ୍ୟକ ତାହା ହେଉଛି ପ୍ରତିଷେଧକ ଉପଚାର । ସକଳ ପ୍ରକାର ବୈଜ୍ଞାନିକ ପ୍ରୟାସ ସତ୍ତ୍ୱେ କରୋନା ପ୍ରତିଷେଧକ ବାହାରି ପାରିନାହିଁ । ତେଣୁ ରୋଗୀମାନଙ୍କ ଚିକିତ୍ସା ଯେତିକି ବିଳମ୍ବିତ ହେଉଛି ତା'ଠାରୁ ଅଧିକ ଆକ୍ରାନ୍ତ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି । ଯେଉଁମାନେ ଏଥିରୁ ଆରୋଗ୍ୟ ଲାଭ କରୁଛନ୍ତି ସେମାନେ ଯେ ପୁନଃ ନହେବେ ତାହାର କୌଣସି ଗ୍ୟାରେଣ୍ଟି ନାହିଁ । ଏହା ସତ୍ତ୍ୱେ ଅନେକ ରାଷ୍ଟ୍ର କରୋନା ସଂକ୍ରମଣକୁ ନିୟନ୍ତ୍ରଣ ବ୍ୟବସ୍ଥାକୁ ଗୁରୁତ୍ୱର ସହ ଗ୍ରହଣ କରୁନାହାନ୍ତି ବୋଲି ଡବ୍ଲ୍ୟୁଏଚଓ ମୁଖ୍ୟ କ୍ଷୋଭ ପ୍ରକଟ କରିଛନ୍ତି । ଏହା କେବଳ ସେହିସବୁ ରାଷ୍ଟ୍ରର ଜନସାଧାରଣଙ୍କୁ ନୁହେଁ ସମଗ୍ର ମାନବ ସମାଜ ପାଇଁ ବିପଦ ସୃଷ୍ଟି କରିବାର ଆଶଙ୍କା ଉତ୍ପନ୍ନ କରିଛି । ଏକବିଂଶ ଶତାବ୍ଦୀରେ ମଣିଷ ଏବେ ଏଭଳି ଏକ ସମୟରେ ଆସି ପାଦ ଥାପିଛି ଯେତେବେଳେ ପରସ୍ପର ଠାରୁ କେହି ପୃଥକ୍ ହୋଇ ବଞ୍ଚିରହିପାରିବେ ନାହିଁ । ତେଣୁ ପାରସ୍ପରିକ ନିର୍ଭରଶୀଳତା ହିଁ ଏଭଳି ମହାମାରୀ ସଂକ୍ରମଣରର ମୂଳ କାରଣ । ଏଥିପାଇଁ ଗଲା ଚାରି ପାଞ୍ଚ ମାସ ଭିତରେ ବିଶ୍ୱକୁ ଯେତିକି ଦୁର୍ଦ୍ଦଶା ଭୋଗ କରିବାକୁ ଓ କ୍ଷତି ସହ୍ୟ କରିବାକୁ ପଡ଼ିଛି ତାହା ହୁଏତ ପୂର୍ବରୁ କେବେ ଘଟିନଥିଲା । କିନ୍ତୁ ଏହାର ନିୟନ୍ତ୍ରଣ ଏବଂ ଭବିଷ୍ୟତର ସୁରକ୍ଷା ନିମନ୍ତେ ସମସ୍ତଙ୍କୁ ସମାନ ଭାବେ ଦାୟିତ୍ୱ ସଂପାଦନ କରିବାର ଆବଶ୍ୟକତା ରହିଛି । ଏପରିକି ଏବେ ୟୁରୋପୀୟ ରାଷ୍ଟ୍ରମାନେ ଚୀନରୁ ଏହି ମହାମାରୀର ଉତ୍ପତ୍ତି ଘଟିଥିବା ବେଳେ ତାହା ସେ ଦେଶରୁ କିଭଳି ସମୂଳେ ଉତ୍ପାଟିତ ହୋଇଛି ତାହାର କାରଣ ଅନୁଧ୍ୟାନ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି । କିନ୍ତୁ କଠୋର କଟକଣା ଏବଂ ସାମୂହିକ ତଥା ବ୍ୟକ୍ତିଗତ ସ୍ତରରେ ନିଷ୍ଠାର ସହ ସଚେତନତା ଅବଲମ୍ବନ ବିନା ଏ ମହାମାରୀ ଉପରେ କାବୁ ପାଇବା ଅସମ୍ଭବ ବୋଲି ଡବ୍ଲ୍ୟୁଏଚଓ ମୁଖ୍ୟ ପରୋକ୍ଷରେ ଚେତାବନୀ ଶୁଣାଇଛନ୍ତି । ଏହାକୁ ସମସ୍ତ ରାଷ୍ଟ୍ର ଓ ଜନସାଧାରଣ ଗୁରୁତର ସହ ଗ୍ରହଣ କରିବା ଉଚିତ । କାରଣ ଏଥିରୁ ବର୍ତ୍ତିବାର ଅନ୍ୟ କୌଣସି ପନ୍ଥା ମଧ୍ୟ ଦୃଶ୍ୟ ହୁଏନାହିଁ ।

ଝିପି ଝିପି ବରଷାରେ.....

କୁନା ସେଠୀ

ଝିପି ଝିପି ବରଷାରେ
ମନ ମୋର ହୁଏ ଛଟପଟ
କେମିତି ଦେଖିବି ଯାଇ
ଆକାଶର ଚାରୁ ଚିତ୍ରପଟ ।

ନୀଳ ନୀଳ ଆକାଶକୁ
ସଜାଇଛି କିଏ ରଙ୍ଗ ଦେଇ
କିଏ ସେହି ଚିତ୍ର କର
ଆଙ୍କିଅଛି ରୂପରେ ସଜାଇ ।

ସ୍ଥାନେ ସ୍ଥାନେ ଦିଶୁ ଥାଇ
ନୀଳ, କଳା ମିଶ୍ରଣର ଛବି
ପୁଣି କେଉଁଠାରେ ହସେ
ଧଳା ଧଳା ମେଘ ସଙ୍ଗେ ରବି ।

ଇନ୍ଦ୍ରଧନୁ ଆଖି ଠାରି
ଶୋଭା ପାଏ ବିଲ ପାଟ ମାଳେ
ଧରଣୀ ସୁନ୍ଦର ଦିଶେ
ଝିପି ଝିପି ବରଷାର ବେଳେ ।

ବିଜୁଳିର ଚମକରେ
ଚମକିତ ପଶୁ, ପକ୍ଷୀ, ଜୀବ
ଘର୍ଘର ନାଦରେ ଚାଲେ
ବର୍ଷାରାଣୀ ରଖି କେଉଁ ଭାବ ?

ମଳୟ ଶିତଳେ ଆଜି
ଶିହରଣ ହୁଅଇ ଶରୀର
ପାହାଡ଼ କୋଳରେ ଥାଇ
ଗୀତ ଗାଇ ନାଚଇ ମୟୂର ।

ସବୁଜ ବନାନୀ ଯେତେ
ମଥା ଟେକି ଚାହିଁଲେ ନିମିଷେ
ସ୍ୱାଗତିଲେ ବରଷାକୁ
ମଥାଟିକୁ ହଲାଇ ହରଷେ ।

ଟିପି ଟିପି ବର୍ଷା ଜଳ
ଛୁଇଁ ଗଲା ଧରଣୀ ଦେହକୁ
ମନ ପ୍ରାଣ ତୃପ୍ତି ହେଲା
ଦେଖି ଏହି ବରଷା ରୂପକୁ ।

କଳ କଳ ନାଦ କରି
ବହି ଗଲା ମହୀ ସ୍ପର୍ଶ ଜଳ
ପାଣିରର ଫୋଟକା ତହିଁ
ଭାସି ଗଲେ ହୋଇ ଦଳ ଦଳ ।

କାଗଜର ଡଙ୍ଗା ଧରି
ପିଲାମାନେ ଭସାଇଲେ ଆସି
ଭାବୁଥିଲି ମନେ ମନେ
ଇଏ ଗୋଟେ ପିଲାବେଳ ଖୁସି ।

ଝର ଝର ଝରୁଥିଲା
ଘର ଛାତରୁ ବରଷା ଜଳ
ଆକାଶରେ କଳାମେଘ
ରଚୁଥିଲା ନୂଆ ନୂଆ ଖେଳ ।

ବସିଥିଲା ଧରଣୀ ଟା
ବଧୂ ବେଶରେ ସଜେଇ ହୋଇ
ସବୁଜ ଶାଢ଼ୀ ଟା ପିନ୍ଧି
ଦିଶୁଥିଲା ରୂପେ ଶୋଭାମୟୀ ।

ଧରଣୀର ରୂପ ଦେଖି
ଆନନ୍ଦିତ ହେଲା ମୋର ମନ
ଧନ୍ୟ ଧନ୍ୟ ବରଷାକୁ
ସେଥିପାଇଁ କହନ୍ତି ସୁଜନ ।

+ ଭୂତସରସିଙ୍ଗି
ଗଞ୍ଜାମ

ଶିବଙ୍କୁ ସମର୍ପିତ ଶ୍ରାବଣ

ଗୋପାଳ ମହାପାତ୍ର

ଆମ ଦେଶରେ ପର୍ବ ଏବଂ ଉତ୍ସବର ସମୃଦ୍ଧ ପରମ୍ପରା ରହିଛି। ପାଳନ କରାଯାଉଥିବା ପର୍ବ ଓ ଉତ୍ସବ ପଛରେ କିଛି ନା କିଛି ଗୌରବଶାଳୀ ଇତିହାସ - ସଂସ୍କୃତି ମଧ୍ୟ ଯୋଡ଼ି ହୋଇରହିଛି। ସବୁ ଧର୍ମରେ ଧାର୍ମିକ ଭାବନା ଦୃଷ୍ଟିରୁ ବିଭିନ୍ନ ପର୍ବ ଓ ଉତ୍ସବ ପାଳନ କରାଯାଉଛି। ହିନ୍ଦୁ ସଂସ୍କୃତିରେ ଦୀପାବଳୀ, ନବରାତ୍ର, ଦଶହରା, ଇସଲାମ ଧର୍ମରେ ରମଜାନ ଏବଂ ଖ୍ରୀଷ୍ଟିଆନ ଧର୍ମରେ ଖ୍ରୀଷ୍ଟମାସ ଇତ୍ୟାଦି ପାଳନ କରାଯାଇଥାଏ। ହିନ୍ଦୁ ସଂସ୍କୃତିରେ ଯେତେ ସବୁ ପର୍ବ ଓ ଉତ୍ସବ ପାଳନ କରାଯାଇଥାଏ ସେସବୁରେ ପ୍ରାୟତଃ ତପ ଏବଂ ସାଧନାର ବିଶେଷ ଗୁରୁତ୍ୱ ରହିଛି। ହିନ୍ଦୁମାନଙ୍କ ପାଇଁ ଶ୍ରାବଣ ମାସର ସର୍ବାଧିକ ମହତ୍ୱ ରହିଛି। ଏହି ମାସରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରପୁର ରହିଥିବାବେଳେ ଆଧ୍ୟାତ୍ମିକ ଶକ୍ତିର ସଂଗ୍ଚର ଏବଂ ଆତ୍ମିକ ଶକ୍ତିର ବିସ୍ତାର ପାଇଁ ଏହି ମାସକୁ ଦିବ୍ୟ ସମୟ ବୋଲି କୁହାଯାଏ। ଶ୍ରାବଣ ମାସ ପୁରାପୁରି ଭଗବାନ ଶିବଙ୍କୁ ସମର୍ପିତ ଏବଂ ଶିବଙ୍କ ପ୍ରତି ଆସ୍ଥା ଏବଂ ଭକ୍ତିବ୍ୟକ୍ତ କରିବାର ପ୍ରକୃଷ୍ଟ ଏବଂ ଦୁର୍ଲଭ ସମୟ ଅଟେ। ଶ୍ରଦ୍ଧାର ଏହି ମହାଶ୍ରାବଣରେ ଶିବଙ୍କ ପ୍ରତି ସମର୍ପିତ ହୋଇଥାନ୍ତି ହିନ୍ଦୁମାନେ। ଏହି ଆଧ୍ୟାତ୍ମିକ ମାସରେ ହିନ୍ଦୁ ସଂସ୍କୃତିର ଲୋକମାନେ ଆଧ୍ୟାତ୍ମିକତା ସହ ଓତପ୍ରୋତ ଭାବେ ଜଡ଼ିତ ହୋଇଯାଇଥାନ୍ତି ଓ ନିଜକୁ ଶିବମୟ କରିଦେଇଥାନ୍ତି ଯାହାଫଳରେ ବର୍ଷ ସାରା କରିଥିବା ଜ୍ଞାତ-ଅଜ୍ଞାତ ର ତ୍ରୁଟି ରୁପକ ମଇଳା ଆତ୍ମାରୁ ଧୋଇହୋଇଯାଏ। ହିନ୍ଦୁ ସଂସ୍କାର କୁ ଆପଣେଇବା ଏବଂ ଅପସଂସ୍କାରକୁ ଜଳାଳି ଦେବା ପାଇଁ ଏହା ଏକ ଅପୂର୍ବ ଅବସର ମଧ୍ୟ। ଏହି ମାସ ଏତେ ମହତ୍ୱପୂର୍ଣ୍ଣ ଯେ ବ୍ୟକ୍ତି ନିଜ ଦ୍ୱାରା ହିଁ ନିଜକୁ ଦେଖିବାକୁ ପ୍ରଯତ୍ନ କରିଥାଏ। ଏହି ମାସ ହିନ୍ଦୁ ସଂସ୍କୃତି ଏବଂ ଏହାର ପବିତ୍ରତା, ପୋଷକତା, ସାତ୍ୱିକତା ଏବଂ ନବଜାଗରଣର ସନ୍ଦେଶ ଦେଇଥାଏ। ଶ୍ରଦ୍ଧାଳୁମାନଙ୍କ ମନ ଭକ୍ତିମୟ ହୋଇଯାଇଥାଏ ଓ ନୈତିକତାର ଝଲକ ମଧ୍ୟ ଦେଖିବାକୁ ମିଳିଥାଏ। ଏହି ଦିବ୍ୟ ଏବଂ ଆସ୍ଥାମୟ ମାସ ଭୌତିକ ଏବଂ ସାଂସାରିକ ଜୀବନ ବିତାଉଥିବା ଲୋକଙ୍କୁ ଆଧ୍ୟାତ୍ମିକତା ତଥା ଭଗବାନ ଶିବଙ୍କର ଅଂଶ ବିଶେଷ ହୋଇ ସେମାନଙ୍କ ଜୀବନକୁ ପବିତ୍ର କରିଦେଇଥାଏ ଏପରିକି ମୋକ୍ଷ ପ୍ରାପ୍ତି ପାଇଁ ପ୍ରେରଣା ଯୋଗାଇଥାଏ। ଆତ୍ମାର ଉତ୍‌ଥାନ ତଥା ଆତ୍ମାକୁ ଉତ୍କର୍ଷ ଆଡ଼କୁ ନେଇଯିବାର ସହାୟକ ଏଇ ଶ୍ରାବଣ ମାସରେ ସାଧକ ପ୍ରକୃତିମୟ ଦିନଚର୍ଯ୍ୟା ସହ ଶାନ୍ତି ଏବଂ ସୁସ୍ଥ, ପ୍ରକୃତି ଏବଂ ପରିବେଶ ପାଇଁ ସଚେତନ ଏବଂ ସାଧନାରତ ରହିଥାଏ। ନିରନ୍ତର ଧର୍ମାରାଧନା କରିବାର ସମସ୍ତ ସୁଯୋଗ ମଧ୍ୟ ଏହି ମାସରେ ମିଳିଥାଏ। ଧାର୍ମିକ ପୂଜା ପାଠ, ଧର୍ମ, ଧ୍ୟାନ, ସ୍ୱାଧ୍ୟାୟ, ଜପ, ତପ, ଉପବାସ ଆଦି ବିବିଧ ପ୍ରୟୋଗ ଦ୍ୱାରା ଆତ୍ମ ମନ୍ଥନ ଏବଂ ଜୀବନକୁ ପବିତ୍ର କରିବାର ଅବସର ଆଣିଦେଇଥାଏ ଶ୍ରାବଣ ମାସ। ଏହି ମାସରେ ଲୋକଙ୍କ ମନରେ ସହଜତା, ସରଳତା, କୋମଳତା ଓ ସହିଷ୍ଣୁତାର ଭାବ ମଧ୍ୟ ବିକଶିତ ହୋଇଥାଏ।

ଶିବ ଭକ୍ତମାନେ ଶ୍ରାବଣ ମାସରେ ଅନେକ ନିୟମ ପାଳନ କରିଥାନ୍ତି। ଶିବ ଭକ୍ତମାନଙ୍କ ପାଇଁ ଏହି ମାସର ଗୁରୁତ୍ୱ ମଧ୍ୟ ଅଧିକ। ଶିବଭକ୍ତମାନେ କାଉଡ଼ିରେ ଜଳ ନେଇ ବିଭିନ୍ନ ଶୈବପୀଠମାନଙ୍କୁ ଯାଇଥାନ୍ତି। ଶିବାଳୟରେ ଶିବଙ୍କ ମସ୍ତକରେ ଜଳ ଢ଼ାଳିବା ପାଇଁ ଭକ୍ତମାନେ 'ବୋଲବମ୍' ଧ୍ୱନୀ ଦେଇ ଖାଲି ପାଦରେ ଚାଲି ଚାଲି ଯାଇଥାନ୍ତି। ଏହି କାଉଡ଼ିଆମାନେ ଗେରୁଆ ବସ୍ତ୍ର ପରିଧାନ କରିଥାନ୍ତି। ଭଗବାନ ଶିବ ବା ମହାଦେବଙ୍କ ମୁଣ୍ଡରେ ପାଣି ଢ଼ାଳିବା ବା ଅଭିଷେକ କରିବା ପଛରେ ଏକ ପୌରାଣିକ କଥା ରହିଛି। ଏହି ପୌରାଣିକ ତଥ୍ୟ ହେଉଛି ସମୁଦ୍ର ମନ୍ଥନ ସମୟରେ ସେଥିରୁ ହଳାହଳ ବିଷ ବାହାରିଥିଲା ଓ ଏହି ବିଷକୁ ପାନ କରି ଭଗବାନ ଶିବ ମୁର୍ଚ୍ଛିତ ହୋଇଯାଇଥିଲେ। ଏଣୁ ଅଭିଷେକ କରାଯାଇ ତାଙ୍କୁ ଚେତନ ଅବସ୍ଥାକୁ ଅଣାଯାଇଥାଏ। ଶ୍ରାବଣ ମାସ ସହିତ ମୁଖ୍ୟ ରୂପରେ ଶିବଭକ୍ତି, ତପ ଏବଂ ମନ୍ତ୍ର ସାଧନା ଯୋଡ଼ି ହୋଇରହିଛି। ସଂଯମ, ସହିଷ୍ଣୁତା, ଅହିଁସା, ହୃଦୟର ପବିତ୍ରତା ପ୍ରାୟତଃ ସମସ୍ତଙ୍କଠାରେ ଦେଖାଦେଇଥାଏ। ଏହି ମାସରେ ଶ୍ରଦ୍ଧାଳୁଙ୍କ ପାଇଁ ଘର ଓ ମନ୍ଦିର ଏକ ହୋଇଯାଇଥାଏ। ଛୋଟ ବଡ଼ ସମସ୍ତଙ୍କ ଠାରେ ଉତ୍ସାହ ଦେଖାଦେଇଥାଏ। ଭକ୍ତ ବା ଶ୍ରଦ୍ଧାଳୁମାନେ ଆହାର, ସଂଯମ, ଉପବାସ ଏବଂ ତପ କରିବା ସହ ମାସଟିକୁ ଉତ୍ସବମୟ କରିଦେଇଥାନ୍ତି। ଏହି ଅବସରରେ ମନ୍ଦିର, ଧାର୍ମିକସ୍ଥଳ ଓ ପବିତ୍ର ନଦୀ କୂଳରେ ଲୋକଙ୍କ ଗହଳି ବଢ଼ିଯାଇଥାଏ। ଶ୍ରଦ୍ଧାଳୁ ସେମାନଙ୍କ ଧାର୍ମିକ ଦାୟୀତ୍ୱକୁ ସୂଚାରୁରୂପେ ପାଳନ କରିଥାନ୍ତି।

ଶ୍ରଦ୍ଧା ଏବଂ ଭକ୍ତିର ଏହି ମହାଶ୍ରାବଣ ଆଧ୍ୟାତ୍ମିକତାର ଏକ ଅପୂର୍ବ ପ୍ରୟୋଗ। ପଛକୁ ଚାହିଁ ନିଜକୁ ଦେଖିବା, ଜୀବନକୁ ପବିତ୍ର ଏବଂ ସାଧନାମୟ କରିବାର ଅବସର ଏହି ମାସରେ ମିଳିଥାଏ। ବ ର୍ତ୍ତମାନର ଦୃଷ୍ଟିରେ (ଆଖିରେ) ଅତୀତ ଓ ବ ର୍ତ୍ତମାନକୁ ଦେଖି କାଲି କ'ଣ ଥିଲେ ଓ କାଲି କ'ଣ ହେବ ଏହାର ବିବେକାନୁମୋଦିତ ନିର୍ଣ୍ଣୟ କରି ନୂଆଭାବେ ନିଜକୁ ଗଢ଼ିବାର ଆରମ୍ଭ କରିଥାନ୍ତି ଶ୍ରଦ୍ଧାଳୁମାନେ। ଶ୍ରାବଣ ମାସରେ ଆକାଶ (ମେଘ) ତାର ନାଦ ଶୁଣାଇଥାଏ। ପ୍ରକୃତିର ନିଜସ୍ୱ ରାଗ ଉତ୍ପନ୍ନ ହୋଇଥାଏ ଏବଂ ଲୋକଙ୍କ ମନରେ ଆଧ୍ୟାତ୍ମିକ ଶକ୍ତି ସଂଗ୍ଚର ହୋଇଥାଏ। ସଂପୂର୍ଣ୍ଣ ପ୍ରକୃତି ଏବଂ ପରିବେଶ ଗାଧୋଇବା ଭଳି ଦେଖାଯାଏ। ପ୍ରକୃତି ଏବଂ ସୌନ୍ଦର୍ଯ୍ୟ ଜୀବନ୍ତ ହୋଇଉଠେ। କଳକଳ ନାଦରେ ଝରଣା ବହିଯାଏ, ନଦୀ ପୂର୍ଣ୍ଣଗର୍ଭା ହୋଇଯାଏ ଏବଂ ମେଘର ଦିବ୍ୟ ନାଦରେ ପୃଥିବୀ କୋଳରେ ନୂଆ ସୃଷ୍ଟିର ସମ୍ଭାର ସୃଷ୍ଟି ହୁଏ।

+ ରାମଚନ୍ଦ୍ରପୁର
ରଣପୁର,
ମୋ.-୯୪୩୮୪୮୫୦୯୪

ଲୋକଙ୍କ ଅସାବଧାନତା ସାରା ଦେଶ ପାଇଁ ମହଙ୍ଗା ପଡ଼ିବ !

ଶରତ କୁମାର ରାଉତ

କିଛି ଲୋକଙ୍କ ଅସାବଧାନତା ଯୋଗୁ ଆମ ଦେଶରେ ହୁ ହୁ ହୋଇ ବଢି ଚାଲିଛି କରୋନା ସଂକ୍ରମିତଙ୍କ ସଂଖ୍ୟା। ଏହି ମହାମାରୀ ଜୀବାଣୁ ସଂକ୍ରମଣ ରୋକିବା ପାଇଁ ସବୁ ଚେଷ୍ଟା ପରେ ମଧ୍ୟ ବୃଦ୍ଧି ମୃତ୍ୟୁ ସଂଖ୍ୟା ସମସ୍ତଙ୍କୁ ଚିନ୍ତାରେ ପକାଇଛି। କିଛି ଦିନ ତଳୁ ସଂକ୍ରମଣ ତୀବ୍ର ଗତିରେ ବଢି ଏବେ ପ୍ରତିଦିନ ପ୍ରାୟ ୨୫ ହଜାର ଟପିଲାଣି। ଯଦି ତୁରନ୍ତ ଏହି ଗତିକୁ ନିୟନ୍ତ୍ରଣ କରାନଯାଏ, ତେବେ ଭାରତ ମୃତ୍ୟୁ ସଂଖ୍ୟା ଦୃଷ୍ଟିରୁ ଆମେରିକା ଓ ବ୍ରାଜିଲ୍ ପଛକୁ ନରହିବ, କିଏ କହିବ ? ଅବଶ୍ୟ ଏହି ଦୁଇ ଦେଶର ମୁକାବିଲାରେ ଭାରତର ଜନସଂଖ୍ୟା ବହୁ ଅଧିକ ଓ କରୋନା ମୃତ୍ୟୁ ସଂଖ୍ୟା ମୋଟ ଜନସଂଖ୍ୟାର ଅନୁପାତ ବହୁ କମ୍। ତଥାପି କରୋନା ମୃତ୍ୟୁ ସଂଖ୍ୟାର ବୃଦ୍ଧି କଦାପି ଶୁଭ ସଙ୍କେତ ହୋଇନପାରେ।

ତେବେ କେନ୍ଦ୍ର ଓ ରାଜ୍ୟ ସରକାର ମାନଙ୍କ ସହିତ ଏମାନଙ୍କର ବିଭିନ୍ନ ଏଜେନ୍ସୀ କୁ କରୋନା ସଂକ୍ରମଣ ରୋକିବା ପାଇଁ ଆହୁରି ଅଧିକ ସକ୍ରିୟତା ଆବଶ୍ୟକ। ମୁଖ୍ୟତଃ ରୋଗ ପରିକ୍ଷା କ୍ଷମତା ବଢାଇବା ଉଚିତ। ବାସ୍ତବତା ହେଲା, ସାଧାରଣ ଲୋକେ ଆବଶ୍ୟକ କରୋନା ନିୟମ ପାଳନ କଲେ ରୋଗକୁ ନିୟନ୍ତ୍ରଣ କରାଯିବା ସମ୍ଭବ ହୋଇପାରେ। ସବୁଠୁ ଦୁଃଖର କଥା ଯେ, ନିଜ ଆଖି ଆଗରେ କରୋନା ଭଳି ବିପଦ ଦେଖି ମଧ୍ୟ ସତର୍କତା ଅବଲମ୍ବନ କରିବାରେ ଆମ ଲୋକେ ପଛାଉଛନ୍ତି।

ସର୍ବସାଧାରଣ ସ୍ଥାନରେ ଲୋକେ ଏତେ ଭିଡ଼ କରୁଛନ୍ତି ଯେ, କେହି ବି ସାମାଜିକ ଦୂରତ୍ୱ ମାନୁ ନଥିବା ଦେଖା ଯାଉଛି। ଆହୁରି ଚିନ୍ତାର ବିଷୟ ହେଲା, ବହୁ ସଂଖ୍ୟାରେ ଲୋକେ ଭିଡ଼ ଭିତରେ ବି ମାସ୍କ ପିନ୍ଧୁ ନାହାନ୍ତି ବା କେବଳ ଦେଖାଇବାକୁ ବେକ କିମ୍ବା ଥୋଡ଼ିରେ ଝୁଲାଉଛନ୍ତି। ଏହା ଦ୍ୱାରା ସେମାନେ ନିଜକୁ ଓ ଅନ୍ୟ ଲୋକମାନଙ୍କୁ ବିପଦ ଘେରରେ ରଖୁଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ଦ୍ୱାରା ଲକ୍ ଡ଼ାଉନ୍ କିମ୍ବା ସର୍ଟ ଡ଼ାଉନ୍ ବ୍ୟବସ୍ଥା ଜାରି ଥିବାବେଳେ ଲୋକମାନେ ମନମୁଖି ବାହାରେ ବୁଲିବା ପ୍ରଶାସନ ପାଇଁ ମୁଣ୍ଡ ବ୍ୟଥାର କାରଣ ହେଉଛି। ସରକାରଙ୍କ କୋଭିଡ୍-୧୯ ଆଇନ ଅନୁଯାୟୀ ଏଭଳି ଅମାନିଆ ଲୋକମାନଙ୍କ ଠାରୁ ଫାଇନ୍ ଆଦାୟ ହେଲେ ମଧ୍ୟ କେହି ଚେତୁ ନାହାନ୍ତି। ଏହା ଦ୍ୱାରା ଲକ୍ ଡ଼ାଉନ୍ କିମ୍ବା ସର୍ଟ ଡ଼ାଉନ୍ ର ସଂପୂର୍ଣ୍ଣ ଲାଭ ମିଳୁନାହିଁ। ଦେଶର କିଛି ଅଂଚଳରେ ବାରମ୍ବାର ଲକ୍ ଡ଼ାଉନ୍ କିମ୍ବା ସର୍ଟ ଡ଼ାଉନ୍ ବଢାଇବାର ମୁଖ୍ୟ କାରଣ ଅମାନିଆ ଲୋକଙ୍କ ଅସାବଧାନତା। ଆମେ ବୁଝିବା ଉଚିତ ଯେ, ଆମ ଦେଶରେ ପ୍ରଥମେ ୧୦ ହଜାର ସଂକ୍ରମିତ ପ୍ରତିଦିନ ବାହାରୁ ଥିବାବେଳେ ଏବେ ୨୫ ହଜାରରୁ ଅଧିକ ସଂକ୍ରମିତ ବାହାରୁଛନ୍ତି। ଏଥିପ୍ରତି ସମସ୍ତେ ସଚେତନ ହେବାର ଆବଶ୍ୟକତା ରହିଛି।

ଆହୁରି ଚିନ୍ତାର ବିଷୟ ହେଲା, ଦେଶର ବିଭିନ୍ନ ସ୍ଥାନରେ ଲୁଚି ଛପି ବିଭିନ୍ନ ସଭା, ବିବାହ ଉତ୍ସବ, ବ୍ରତୋପନୟନ ଆଦି ଆୟୋଜନ କରାଯାଉଥିବାରୁ ଗୋଟିଏ ସ୍ଥାନରେ ଅସମ୍ଭବ ଭିଡ଼ ଜମ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ସୋମବାର, ଜୁଲାଇ ୨୦, ୨୦୨୦

ଥାଇରଏଡ୍ ଗ୍ଲାଣ୍ଡ ପାଇଁ ଉପକାରୀ

ଗଳାର ସିଝଏବଂ ଟିଏ ମଧ୍ୟରେ ଥାଇରଏଡ ଗ୍ଲାଣ୍ଡ ରହିଛି । ଏଥିରୁ କ୍ଷଣର ହେଉଥିବା ହରମୋନ ମଣିଷର ସ୍ୱାସ୍ଥ୍ୟ ଉପରେ ବିଶେଷ ପ୍ରଭାବ ପକାଇଥାଏ । ତେଣୁ ଥାଇରଏଡ ଗ୍ଲାଣ୍ଡ ସଠିକ୍ ଭାବେ କାର୍ଯ୍ୟକରୁଥିବା ନିହାତି ଜରୁରୀ । ଏହି ସହଜ ବ୍ୟାୟାମ ଥାଇରଏଡ୍ ଗ୍ଲାଣ୍ଡ ପାଇଁ ଖୁବ୍ ଉପକାରୀ ହେବ ।



ପ୍ରକ୍ରିୟା:

ଚଟାଣରେ ଏକ ମୋଟା ଚାଦର ବା କମ୍ବଳ ପକାଇ ଏହା ଉପରେ ଦୁଇଟି ଲମ୍ବା ତକିଆ ଇଂରାଜୀ ଅକ୍ଷର 'ଟି' ଆକାରରେ ରଖନ୍ତୁ ।
ତକିଆ ପଛକୁ ଏକ ଚୌକି ରଖି ଏହା ଉପରେ ଏକ ଚଦର କିମ୍ବା କମ୍ବଳ ଭାଙ୍ଗି ରଖିଦେବେ । ଚୌକି ଯେପରୀ ଖସି ନଯାଏ । ପଦ୍ମାସନ ମୁଦ୍ରାରେ



ଲମ୍ବ ଭାବେ ପଡ଼ିଥିବା ତକିଆର ଏକ ପାର୍ଶ୍ୱରେ ବସନ୍ତୁ ।
ଏବେ ଧୀରେଧୀରେ ତକିଆ ଉପରେ ଶରୀରକୁ ଲମ୍ବାଇଦେବେ ।
ମୁଣ୍ଡ ତଳକୁ ରହିବା ସହ ଦୁଇ ହାତ ତକିଆର ଦୁଇପଟେ ରହୁଥିବ ।
ଧୀରେଧୀରେ ଶରୀରକୁ ,ପରି ଉଠାଇବେ ଯେପରି ଗୋଡ଼ଦୁଇଟି ବୁଲି ଚୌକି ଉପରେ ରହିବ ।
ଏହି ସମୟରେ କାନ୍ଧ ଲମ୍ବା ତକିଆ ଉପରେ ରହିଥିବ ଏବଂ ବେକ ଉପରେ ଅଧିକ ଚାପ ପଡୁନଥିବା ଜରୁରୀ ।
ଶରୀରକୁ ସଳଖ ରଖିବା ସହ ବାହୁ ଆରାମଦାୟକ ସ୍ଥିତିରେ ରଖନ୍ତୁ ।
ତଳିପେଟୀକୁ ସକ୍ରିୟ କରି ଶ୍ୱାସଗ୍ରହଣ କରି ୫ମିନିଟ୍ ଏହି ଅବସ୍ଥାରେ ରହିବେ ।
ପାପୁଲିକୁ ଚାପ ଦେବା ସହ ଧୀରେଧୀରେ ସାମାନ୍ୟ ହୁଅନ୍ତୁ । ବସିରହି ୧ମିନିଟ୍ ବିଶ୍ରାମ ନେବା ପରେ ଉଠିବେ ।

ଦ୍ୱିତୀୟ ପ୍ରକ୍ରିୟା:

ତକିଆ ଉପରେ ପଦ୍ମାସନ ମୁଦ୍ରାରେ ବସନ୍ତୁ ।
ସମ୍ମୁଖରେ ଏକ ଚୌକି ଏବଂ ଏହା ଉପରେ ଚାଦର ଭାଙ୍ଗି ରଖିବେ ।
ଧୀରେଧୀରେ ଆଗକୁ ନଇଁ କପାଳ ଚୌକି ଉପରେ ରଖିବେ । ଏହି ସମୟରେ ସମ୍ପୂର୍ଣ୍ଣ ମେରୁଦଣ୍ଡ ଷ୍ଟ୍ରେଚ ହୋଇପାରିବା ଭଳି ଦୂରତାରେ ଚୌକି ରହିଥିବା ତଳିପେଟ ସାହାଯ୍ୟତାରେ ଶ୍ୱାସ ଗ୍ରହଣ କରି ୫ମିନିଟ୍ ଏହି ଅବସ୍ଥାରେ ରହିବେ ଏବଂ ଧୀରେଧୀରେ ନିଜକୁ ସାମାନ୍ୟ ସ୍ଥିତିକୁ ଫେରାଇ ଆଣିବେ ।

ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି

ଅଣ୍ଟାବ୍ୟଥା ଏବେ ପ୍ରାୟ ପ୍ରତ୍ୟେକଙ୍କୁ ଆକ୍ରାନ୍ତ କରୁଥିବା ବେଳେ ଏହାର ମୁଖ୍ୟତଃ ଦୁଇଟି କାରଣ ରହିଛି । ଆଗକୁ ନଇଁ ଭାରି ଜିନିଷ ଉଠାଉଥିବା ବେଳେ ମେରୁଦଣ୍ଡ ଦୁଇପାଖରେ ସକଅବଜର୍ଭର ଭାବେ କାମ କରୁଥିବା ଡିସ୍କ ଖସିଯାଏ । ଏହାକୁ କହନ୍ତି ସ୍ଲିପ୍ ଡିସ୍କ । ଅନ୍ୟ ଏକ ସମସ୍ୟାରେ ବୟସ ବଢ଼ିଲେ ମେରୁଦଣ୍ଡ କେନାଲର ବ୍ୟାସାର୍ଦ୍ଧ, ଧୀରେଧୀରେ କମିଯାଏ ଓ ସୁଷୁମ୍ନାକାଣ୍ଡକୁ ଚାପିଦିଏ । ଏହାଦ୍ୱାରା ସିଆଟିକ୍ ସ୍ନାୟୁ ଉପରେ ଚାପ ଆସି ଅଣ୍ଟାକୁ ଚାପିଦିଏ । ଏହାଦ୍ୱାରା ସିଆଟିକ୍ ସ୍ନାୟୁ ଉପରେ ଚାପ ଆସି ଅଣ୍ଟାରୁ ଗୋଡ଼ ପର୍ଯ୍ୟନ୍ତ ବିନ୍ଧେ । ଗୋଡ଼ ଝିମଝିମ ହୋଇ କାଲୁଆ ପଡ଼ିଯାଏ । ଚାଲିଲାବେଳେ ଗୋଡ଼ ବାନ୍ଧିରଖେ ଓ ଚାଲିବାର ଦୂରତା କମିଆସେ । ବେଳେବେଳେ ମଳମୂତ୍ର ତ୍ୟାଗର ବେଗ ଉପରେ ନିୟନ୍ତ୍ରଣ ରହେନାହିଁ । ଏହାକୁ ସିଆଟିକା ମଧ୍ୟ କହନ୍ତି । ଏବେ ଏସବୁ ସମସ୍ୟାର ଚିକିତ୍ସା ଅତ୍ୟାଧୁନିକ ଏଣ୍ଡୋସ୍କାଇନ ସାହାଯ୍ୟରେ କରାଯାଇପାରୁଛି । ଏଥିରେ ଅସ୍ତ୍ରୋପଚାରୀ କରାଗଲେ ମଧ୍ୟ ଷ୍ଟିଚ ଦରକାର ହୁଏନି ।
ଏହି ଅସ୍ତ୍ରୋପଚାର ବେଳେ ଏକ ସେଣ୍ଟିମିଟର ବ୍ୟାସାର୍ଦ୍ଧର ଛୋଟ କଣା କରାଯାଏ । ୨୫ମିନଟ୍ ମଧ୍ୟରେ ଅସ୍ତ୍ରୋପଚାର ବେଳେ ଏକ ସେଣ୍ଟିମିଟର ବ୍ୟାସାର୍ଦ୍ଧର ଛୋଟ କଣା କରାଯାଏ । ୨୫ମିନିୟ୍ ମଧ୍ୟରେ ଅସ୍ତ୍ରୋପଚାର ଶେଷ ହେବା ସହ ମାତ୍ର ୧୦ମିଲି ରକ୍ତ କ୍ଷୟ ହୁଏ । ଅସ୍ତ୍ରୋପଚାରର ଦୁଇଘଣ୍ଟା ପରେ ରୋଗୀ ଚାଲିପାରେ । ହସପିଟାଲରେ ଦୁଇ ଦିନ ରହିବାକୁ

ପଡ଼େ ଏବଂ ସାତଦିନ ମଧ୍ୟରେ ରୋଗୀ କାମରେ ଯୋଗଦେଇପାରନ୍ତି । ଏହି ଅସ୍ତ୍ରୋପଚାର ସମୟରେ ସୁଷୁମ୍ନାକାଣ୍ଡରୁ ବାହାରିଥିବା ସ୍ନାୟକୁ ଅଲଗା କରି ରଖିବା ଲାଗି ସ୍ୱତନ୍ତ୍ର ଭାବେ ଏକ ଯନ୍ତ୍ର ରହିଛି । ଏହା ଏକ ଅତି ସୂକ୍ଷ୍ମ ଟେଲିସ୍କୋପିକ ଯନ୍ତ୍ର ଭଳି ଆଗରୁ ଅସ୍ତ୍ରୋପଚାର ବେଳେ କେତେକ କ୍ଷେତ୍ରରେ ରକ୍ତମାଂସ ମଝିରେ ରହିଥିବା ସରୁସ୍ନାୟୁ କାଟି ହୋଇଯାଉଥିଲା । ଫଳରେ ରୋଗୀଙ୍କ ପାଦ ଝୁଲିପଡ଼େ ,ବଂ ପରାଲିସିସ୍ ହେବାର ଆଶଙ୍କା ଦେଖାଯାଏ । ଏହାକୁ ଫୁଟ୍‌ଡ୍ରପ୍ ବୋଲି କହନ୍ତି ଏବେ ଅତ୍ୟାଧୁନିକ ଯନ୍ତ୍ରରେ ଅସ୍ତ୍ରେପଚାର ଦ୍ୱାରା ଏହି ଆଶଙ୍କା ଏଡାଯାଇପାରିଛି । ଏଥିସହିତ ସେଣ୍ଟ୍ରାଲଡିସ୍କ ପାରାସେଣ୍ଟ୍ରାଲ ହିସ୍କ ଲାଟେଳାଲ ଡିସ୍କ, ଫାରାଲାଟେରାଲ ଡିସ୍କ ଏବଂ ଫୋରାମିନାଲ ଡିସ୍କ ଆଦି ରୋଗ ସହଜରେ ଚିକିତ୍ସା କରାଯାଇପାରୁଛି । ଏହି ଯନ୍ତ୍ର ଦ୍ୱାରା ବାମ ପାଖରେ ପଶି ଡାହାଣ ପାଖକୁ ଭିତରେ ଭିତରେ ଯାଇ ଲାମିନା ବା ଫେସେଟ୍ ବୟସଜନିତ ହାଡ଼ର ଅଧିକ ବୃଦ୍ଧି ହାଇପରଟ୍ରଫ୍ ଲିଗାମେଣ୍ଟକୁ ମଧ୍ୟ ସଫା କରିହୁଏ ।
ଏହି ଅସ୍ତ୍ରୋପଚାର ସାଧାରଣ ଅସ୍ତ୍ରୋପଚାରଠାରୁ କମ ସମୟ ଓ କମ ଖର୍ଚ୍ଚରେ ହୋଇଥାଏ । ଓଡ଼ିଶାର ସ୍ୱନାମଧନ୍ୟ ଅର୍ଥୋସ୍କୋପିକ ସର୍ଜନ ଡା. ପି.ସି. ସେ ୧୨ବର୍ଷ ତଳେ ଫ୍ରାନ୍ସର ଡାକ୍ତରଜିନ୍ ଡେସଟାଣ୍ଡୁଙ୍କଠାରୁ ଶିକ୍ଷାଲାଭ କରି ୧୬୦୦ରୁ ଅଧିକ ରୋଗୀଙ୍କୁ ଆରୋଗ୍ୟ କରିପାରିଛନ୍ତି ।

କେଶରେ ଚିନିର ପ୍ରୟୋଗ



ଘନ କେଶ ପ୍ରତି ପ୍ରତ୍ୟେକ ଯୁବତୀ ତଥା ମହିଳାଙ୍କ ଅହେତୁକ ଦୁର୍ବଳତା ରହିଛି । ସୁନ୍ଦର କେଶ ନିମନ୍ତେ ବିଭିନ୍ନ ପ୍ରକାର ଘରୋଇ ଉପଚାର କରିବା ଉଚିତ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତ । ବଜାରରେ ଉପଲବ୍ଧ ଅର୍ଗାନିକ୍ ଶାମ୍ପୁ ନଚେତ ଘରୋଇ ଉପାୟରେ ତିଆରି ଶ୍ୟାମ୍ପୁର ପ୍ରୟୋଗ କେଶରେ କରିବା ଉଚିତ । ତେବେ ଆମ ରୋଷେଇଘରେ ବ୍ୟବହୃତ ହେଉଥିବା ଚିନିକୁ ମଧ୍ୟ କେଶ ଚର୍ଚ୍ଚାରେ ପ୍ରୟୋଗ କରିହେବ । ମେହେନ୍ଦୀ ପ୍ୟାକରେ ଅଧ ଚାମଚ ଚିନି ଗୁଣ୍ଡର ପ୍ରୟୋଗ କରି ତାହାକୁ କେଶରେ ଲଗାଇବେ । କେଶର ଘନତ୍ୱ ବଢ଼ିଥାଏ । କେଶରେ ଶ୍ୟାମ୍ପୁ କଲାବେଳେ ଶ୍ୟାମ୍ପୁ କେଶରେ ଲଗାଇବା ପୂର୍ବରୁ ଗୁଣ୍ଡ ଚିନି ଚିମୁଟାଏ ଶ୍ୟାମ୍ପୁରେ ମିଶାଇ କେଶ ସଫା କରନ୍ତୁ । ନିଜେ ହିଁ ଫରକ ଜାଣିପାରିବେ । ତେବେ ହର୍ବାଲ ଶ୍ୟାମ୍ପୁ ଏଥିପାଇଁ ବ୍ୟବହାର କରିବା ଉଚିତ । ଖରାଦିନରେ କେଶରେ ଅଧିକ ଧୂଳି ଜମିବା ସହ ଝାଳ ମଧ୍ୟ ହୋଇଥାଏ । ତେବେ ଏଥିରୁ ରକ୍ଷା ପାଇବା ପାଇଁ ନିଜ ଶ୍ୟାମ୍ପୁରେ ଗୁଣ୍ଡ ଚିନିର ବ୍ୟବହାର କରନ୍ତୁ ।

ମଶାଠାରୁ ଶିଶୁଙ୍କ ସୁରକ୍ଷା

ମଶା କାମୁଡ଼ିଲେ ଡେଙ୍ଗୁ, ମେଲେରିଆ ପରି ମାରାତ୍ମକ ରୋଗ ହୋଇଥାଏ ଅନେକ ସମୟାରେ ଏଗୁଡ଼ିକ ଜୀବନ ପ୍ରତି ବିପଦ ପାଲଟିଯାନ୍ତି । ଯେକୌଣସି ରୋଗ ହେଲେ ବି ଏହା ଶିଶୁଙ୍କୁ ଶୀଘ୍ର ଆକ୍ରାନ୍ତ କରେ । ଏବେ ବର୍ଷା ଏବଂ ପ୍ରଦୂଷଣ ଯୋଗୁ ମଶାଙ୍କ ସମସ୍ୟା ଆହୁରି ବଢ଼ିଯାଇଛି । ତେଣୁ ଘରେ ଶିଶୁ ଥିଲେ ସେମାନଙ୍କର ବିଶେଷ ଯତ୍ନ ନେବାକୁ ହୁଏ । ରାସାୟନିକ ମଶାମରା ଉପାୟ ଶିଶୁଙ୍କ ପାଇଁ କ୍ଷତିକାରକ ହୋଇପାରେ । ସେଥିପାଇଁ ପ୍ରାକୃତିକ ଉପାୟ ଆପଣାଇବା ଉଚିତ । କିଛି କର୍ପୂର ଜଳାଇଲେ ଏହା ଧୂଆଁରେ ମଶା ଆପେଆପେ ପଳାଇବେ । ଷ୍ଟାଣ୍ଡରେ ଜଳାଇଲେ କର୍ପୂର ଅଧିକ ସମୟ ଜଳିଥାଏ ।
ମଶା କଡ଼ା ବାସ୍ନାରେ ରହିପାରନ୍ତି ନାହିଁ । ପିଆଜ, ରସୁଣ ଭଲ ଭାବେ ବାଟି ଏହାର ରସ ପାଣିରେ ମିଶାଇ ଏକ ସ୍ପ୍ରେ ବୋତଲରେ ଭରି ଘରସାରା ଛିଞ୍ଚି ଦିଅନ୍ତୁ । କିଛି ସମୟ ମଧ୍ୟରେ ମଶା ପଳାଇବେ ।
ନିମ ତେଲରେ ଦୀପ ଜଳାଇଲେ ବି ମଶା ହେବେନାହିଁ । ସୋରିଷ ତେଲରେ ଜୁଆଣି ଗୁଣ୍ଡ ପକାଇ ଜଳାଇଲେ ଏହି ଧୂଆଁରେ ମଶା ପଳାଇବେ ।
ଯଦି ରାସାୟନିକ ମଶା ନିବାରକ ବ୍ୟବହାର କରିବାକୁ ବାଧ୍ୟ ତେବେ ଅତି ଛୋଟ ଶିଶୁଙ୍କ ଲାଗି ଏଥିରେ ଡିଇଇଟି, ପିକାରିଡିନ ଆଦି ନଥିବା ନିହାତି ଆବଶ୍ୟକ । ସବୁଠାରୁ ଭଲ ଉପାୟ ହେଉଛି ଶିଶୁଙ୍କୁ ମଶାରିରେ ଶୁଆଇବା ଏବଂ ଘର ସଫା ରଖିବା ।

ପୋଷାକରୁ ଦୁର୍ଗନ୍ଧ ଦୂରେଇବାର ଉପାୟ

ବର୍ଷାଦିନେ ଏକ ପ୍ରମୁଖ ସମସ୍ୟା ହେଉଛି କପଡ଼ା ଓ ପୋଷାକପତ୍ରରୁ ଦୁର୍ଗନ୍ଧ ବାହାରିବା । ଘର ଭିତରେ କପଡ଼ା ଶୁଖାଇଲେ ଏଇ ସମସ୍ୟା ଅଧିକ ଉପୁଜିଥାଏ । ତେବେ ଏଥିରୁ ରକ୍ଷା ପାଇବାର ସରଳ ଘରୋଇ ଉପାୟମାନ ଅଛି । ଯେପରି:

ଭିନେଗାରକୁ ବ୍ୟବହାର କରି କପଡ଼ା ଦୁର୍ଗନ୍ଧରୁ ରକ୍ଷା ପାଇହେବ । କପଡ଼ାକୁ ଭଲଭାବେ ଧୋଇସାରିବା ପରେ ଏକ ବାଲଟି ପାଣିରେ ୨ବଡ଼ ଚାମଚ ଭିନେଗାର ମିଶାଇ ଭଲଭାବେ ଫେଣ୍ଟିନେବେ । ଏବେ ସେଥିରେ କପଡ଼ାକୁ ୧୦ମିନିଟ୍ ପାଇଁ ଭିଜାଇ ପରେ ଚୁପୁଡ଼ି ଶୁଖାଇଦିଅନ୍ତୁ । ଦେଖିବେ, କପଡ଼ାରୁ ଦୁର୍ଗନ୍ଧ ପୂର୍ବ ପରି ବାହାରିବନି ।
ଲୋମ୍ବୁ ବ୍ୟବହାର କରି ମଧ୍ୟ କପଡ଼ା ଗନ୍ଧକୁ ଦୂରେଇପାରିବେ । ପୂର୍ବ ଭଳି ପୋଷାକପତ୍ର ଧୋଇସାରିବା ପରେ ବାଲଟିଏ ପାଣିରେ ଗୋଟିଏ ଲେମ୍ବୁ ଚୁପୁଡ଼ି ପରେ କପଡ଼ାକୁ ସେଥିରେ ଭିଜାଇ ରଖନ୍ତୁ । କିଛି ସମୟ ପରେ କପଡ଼ାକୁ ଧୋଇ ଶୁଖାଇନେବେ । ଠାକୁର ଘରର ଧୂପ ମଧ୍ୟ ଏଥିରେ ଖୁବ୍ କାମରେ ଆସେ । କପଡ଼ା ଶୁଖାଉଥିବା ସ୍ଥାନରେ କୌଣସି ଏକ କୋଣରେ ଧୂପ ଲଗାଇଦିଅନ୍ତୁ । ଧୂପରୀ ବାସ୍ନାରୋ କପଡ଼ାର ଦୁର୍ଗନ୍ଧ ହୋଇନଥାଏ । ଏଇ କାମ କଲାବେଳେ କିନ୍ତୁ ସତର୍କତା ଦୁର୍ଗନ୍ଧ ହୋଇନଥାଏ ।

ଆଜମା ଓ ସିଓପିଡି



ଆଜମାକୁ ଡାକ୍ତରୀ ଭାଷାରେ ବ୍ରୋଙ୍କିଆଲ ଆଜମା ଏବଂ ସଡ଼ିଶାରେ ଶ୍ୱାସରୋଗ କୁହାଯାଏ । ଏହି ରୋଗରେ ଶ୍ୱାସନଳୀରେ ପ୍ରଦାହ ସୃଷ୍ଟି ହୋଇ ଏହା ଆପେକ୍ଷିକ ଭାବେ ସରୁ ହୋଇଯାଏ । ତେଣୁ ଛାତି ରୁନ୍ଧିଲା ଭଳି ଲାଗେ, ଅଧିକ ଶ୍ୱାସ କଷ୍ଟ ଥିଲେ ପେଲା ଉଠେ । ଛାତି ଭିତରକୁ ପବନ ଯାଇପାରେ ନାହିଁ। ଆଜମା ଚିକିତ୍ସା ଆଜିକାଲି ବହୁତ ସହଜ ହୋଇଗଲାଣି । ଇନ ହେଲର ଓ ନେବୁଲାଇଜର ଦ୍ୱାରା ଚିକିତ୍ସାରେ ଏହାକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇପାରୁଛି । ଇନ ହେଲରଗୁଡ଼ିକ ହେଲେ ସାଲବୁଟାମଲ, ଫରମେଟରଲ ସାଲମେଟ୍ରଲ, ଟାଓ ଟ୍ରୋପିଅମ ଇତ୍ୟାଦି । ନେବୁଲାଇଜର ଭାବେ ଇପ୍ରାଟ୍ରୋପିଅମ, ଲିଭୋ ସାଲବୁଟୋମଲ ଏବଂ ଫ୍ଲୁଉଟିକାଜୋନ ବ୍ୟବହାର କରାଯାଏ । ସାଧାରଣ ଆଜମାରେ ପ୍ରଦାହ କମାଇବା ପାଇଁ ଆଣ୍ଟି ବାୟୋଟିକ , ବ୍ରୋଙ୍କୋଡାଇଲେଟର ବଟିକା, ଶ୍ୱାସ ଔଷଧ ଓ ଇଞ୍ଜେକସନ ଦସିଆଯାଏ କିନ୍ତୁ ଇନ ହେଲର ଚିକିତ୍ସା ସବୋତ୍ତମ । ଏଥିରେ ଥିବା 'ଷ୍ଟିରଏଡ' ଶରୀରର କୌଣସି କ୍ଷତି କରେ ନାହିଁ ।
ସିଓପିଡ଼ି ଅନ୍ୟ ଏକ ପ୍ରକାର ଧଇଁପେଲା ରୋଗ । ଏହାର ମୁଖ୍ୟ କାରଣ ବଷ ବର୍ଷ ଧରି ବିଡ଼ି, ସିଗାରେୟ, ଗଞ୍ଜେଇ ଧୂଆଁ ପିଇବା ଏବଂ ସ୍ତ୍ରୀ ଲୋକମାନଙ୍କୁ କ୍ଷେତ୍ରରେ ଘଷି, କଞ୍ଚାକାଠ, ପତ୍ର ଜାଳି ଅଧିକ ଧୂଆଁ ସୃଷ୍ଟି କରି ରୋଷେଇ କରିବା ଓ ବର୍ଷବର୍ଷ ଧରି ସେହି ଧୂଆଁ ଶ୍ୱାସକ୍ରିୟାରେ ଗ୍ରହଣ କରିବା । ସିଓପିଡିର ପୂରାନାମ କ୍ରନିକ୍ ଅବଷ୍ଟ୍ରକ୍ଟିଭ ପଲମୋନାରୀ ଡିଜିଜ୍ । ଏହା ଫୁସଫୁସର ଏକ ଜଟିଳ ରୋଗ। ଏଥିରେ ଶ୍ୱାସନଳୀ ସରୁ ହୋଇ ପ୍ରଶ୍ୱାସରେ ଫୁସଫୁସ କୋଠରିମାନଙ୍କରେ ପବନ ପଶେ, କିନ୍ତୁ ନିଃଶ୍ୱାସ ବାସରେ ବାହାରିପାରେ ନାହିଁ । ଏଥିପାଇଁ ଫୁସଫୁସବେଲୁନ ଫୁଲା ପରି ସବୁବେଳେ ଫୁଲିରହେ । ସାଧାରଣ ଷ୍ଟିରଏଡ୍ ହରମୋନ ଇନହେଲର ଶ୍ୱାସ ଭଳି ସିସପିଡି ରୋଗରେ ବିଶେଷ ଉପକାର କରିପାରେ ନାହିଁ ।
ସିଓପିଡି ମୁଖ୍ୟତଃ ଚାଳିଶ ବର୍ଷ ପରେ ହୋଇଥାଏ । ଏହି ରୋଗରେ କାଶ କଫ ଦୀର୍ଘ ଦିନ ଲାଗି ରହେ । ସକାଳୁ ପୁଳାପୁଳା ଖଙ୍କାର ବାହାରେ । ଖଙ୍କାରରେ ଜୀବାଣୁ ସଂକ୍ରମର ହେଲେ ବଡ଼ବଡ଼ ନୀଳ ମାଛି ଆସି ବସନ୍ତି, କିନ୍ତୁ ଶ୍ୱାସ ଭଳି ଏହା ମଧ୍ୟ ସଂକ୍ରାମକ ହେଲେ ରୋଗ ନୁହେଁ । ରୋଗ ବଢ଼ିଲେ ନିଃଶ୍ୱାସ ନେବା କଷ୍ଟ ହୁଏ, ଓଜନ କମିଯାଏ, ଦୁର୍ବଳ ଲାଗେ । ପାଇରୋମିଟର ଯନ୍ତ୍ରରେ ଏହା ପରୀକ୍ଷା କରାଗଲେ, ଆଜମାଠାରୁ ଏହାର ପାର୍ଥକ୍ୟ ଧରାପଡ଼େ ଏବଂ ସଘନ ଚିକିତ୍ସା କରାଯାଏ । ଏହି ରୋଗରେ ମୃତ୍ୟୁସଂଖ୍ୟା ଅଧିକ । ଏଭଳି ରୋଗୀ ସାରା ଜୀବନ ଧୂମପାନରୁ ବିରତ ରହିବା ଆବଶ୍ୟକ । କଳକାରଖାନାରେ କାମ କରୁଥିବାବେଳେ ବିଭିନ୍ନ ରାସାୟନିକ ପଦାର୍ଥର ଗୁଣ୍ଡ ଯେପରି ଫୁସଫୁସରେ ନ ପଶେ ସେଥିପାଇଁ ଧ୍ୟାନ ଦେବା ଆବଶ୍ୟକ ।
ବିଶେଷଜ୍ଞଙ୍କ ଚିକିତ୍ସା ଅନୁସାରେ ଔଷଧ ଇନହେଲର



ନେବୁଲାଇଜର ଠିକଠିକ୍ ନେବା ଉଚିତ । ଏହି ରୋଗର ଭଲ ଚିକିତ୍ସା ପାଇଁ ଇଣ୍ଡିକାଟେରଲ ଟ୍ରାଓ ଟ୍ରୋପ୍ରିଅମ ଇନହେଲର ଓ ରୋଫ୍ଲୁମିଲାଷ୍ଟ ଭଳି ଔଷଧ ଅଧିକ ଉପକାର କରିଥାଏ । କେତେକ ରୋଗୀଙ୍କଠାରେ ଆଜମା ଓ ସିଓପିଡି ମିଶି ଥିବାରୁ ଏହାକୁ ଆଜମା ସିଓପିଡି ଓଭରଲାପ୍ କୁହାଯାଏ। ଏହାକୁ ଛାତିରୋଗ ବିଶେଷଜ୍ଞମାନେ ସ୍ପାଇରୋମେଟ୍ରିନ ସିଟିସ୍କାନ, ଏକ୍ସରେ ଇନହେଲର ମାଧ୍ୟମରେ ପରୀକ୍ଷା କରି ଏବଂ ଧୂମପାନର ଇତିହାସରୁ ଜାଣି ତୁରନ୍ତ ଚିକିତ୍ସା କରିଥାନ୍ତି ।



ମୃତ୍ୟୁ ପରେ ହେବେ ଗଛ

ଏବ ବିଦେଶୀ କମ୍ପାନୀ ବିଶ୍ୱବାସୀଙ୍କୁ ଖୁବ୍ ଶୀଘ୍ର ଏକ ଉନ୍ନତ ତଥା ଉତ୍ତମ ଉପହାର ଦେବାକୁ ଯୋଜନା କରିଛି । ୧୫ଜଣ ଗବେଷକଙ୍କ ସହାୟତାରେ ଅତ୍ୟାଧୁନିକ ପାତ୍ର ନିର୍ମାଣ କରାଯାଇଛି । ଗବେଷକଙ୍କ କହିବା ଅନୁସାରେ, ମୃତ୍ୟୁ ପରେ ମଧ୍ୟ ଜଣେ ମନୁଷ୍ୟଗଛଟିଏ ହୋଇପାରିବ ଓ ପୃଥିବୀପୃଷ୍ଠକୁ ଶୀତଳ ରଖିପାରିବ । ବ୍ୟସ୍ତବହୁଳ ଜୀବନରେ ଅନ୍ୟକୁ ସାହାଯ୍ୟ କରିପାରୁନଥିବା ମନୁଷ୍ୟ ମୃତ୍ୟୁ ପରେ କିନ୍ତୁ ଗଛଟିଏ ହୋଇ ଅନ୍ୟର କାମରେ ଆସିପାରିବ । ଗବେକେ ନିର୍ମାଣକରିଥିବା ପାତ୍ରରେ ଉପରି ଭାଗରେ କୌଣସି ଏକ ବୃକ୍ଷର ମଞ୍ଜି ରହିବାବେଳେ ତଳ ଭାଗରେ ମନୁଷ୍ୟର ଅସ୍ଥି ରହିବ । ପାତ୍ରକୁ ଏଭଳି ଭାବରେ ପ୍ରସ୍ତୁତ କରାଯାଇଛି ଯେ ସମୟ ଅତିକ୍ରାନ୍ତେ ତାହା ଚାରା ହୋଇ ପରବର୍ତ୍ତୀ ସମୟରେ ଏକ ବୃକ୍ଷ ହେବ । ଯେଉଁ ବ୍ୟକ୍ତି ମୃତ୍ୟୁ ପରେ ଗଛ ହେବାକୁ ସ୍ଥିତର କରିବେ, ସେମାନଙ୍କ ପାଇଁ ୭ଟି ବିଭିନ୍ନ ଗଛର ମଞ୍ଜି ମନୋନୟନ ପାଇଁ ବ୍ୟବସ୍ଥା ରହିଛି । ନିଜ ଗବେଷଣାରେ ସଫଳ ହେବା ପରେ ଗବେକେଗଣ ବିଶ୍ୱର ବିଭିନ୍ନ ରାଷ୍ଟ୍ରର ୨୦ହଜାର ବ୍ୟକ୍ତିଙ୍କୁ ଏହି ଗଛ ପାତ୍ର ଦେଇଛନ୍ତି । ଗୋଟିଏ ଗଛ ପାତ୍ରର ମୂଲ୍ୟ ୧୨ ହଜାର ଟଙ୍କା ଧାର୍ଯ୍ୟ ହୋଇଛି ।

ମୁଣ୍ଡ ଗୁଞ୍ଜିବାକୁ ନାହିଁ ଘର ଖଣ୍ଡିଏ : ପାଠ ପଢିବା ପାଲଟିଛି ସ୍ୱପ୍ନ

ସରକାରୀ ଯୋଜନା ବାଟବଣା

କେନ୍ଦୁଝର, ୧୯/୭ (ନି.ପ୍ର): କେନ୍ଦୁଝର ଭଳି ଏକ ଧନୀ ଜିଲ୍ଲାର ସ୍ଥିତି ଅତି ସଙ୍ଗୀନ । ରାଜକୋଷକୁ ସମୃଦ୍ଧ କରିବାର ଏହି କେନ୍ଦୁଝର ଜିଲ୍ଲାର ଏକ ପ୍ରମୁଖ ଭୂମିକା ରହିଛି । ଜିଲ୍ଲାର ମୂଲ୍ୟବାନ ଖଣିଜ ସମ୍ପଦକୁ ଲିଜ୍ ସୂତ୍ରରେ ନେଇ ଲକ୍ଷପତି ଲିଜଧାରୀ କୋଟିପତି ହେଉଛନ୍ତି । ରାଜ୍ୟ ଓ କେନ୍ଦ୍ର ସରକାର ସେମାନଙ୍କର ରାଜସ୍ୱ ଭରୁଛନ୍ତି । କିନ୍ତୁ ଜିଲ୍ଲାର ସେହି ଆଦିମ ଅଧିବାସୀ ଆଦିବାସୀ ପ୍ରଜା ଆଜି କେବଳ ଅବହେଳିତ ନୁହଁନ୍ତି ନିସହାୟ ମଧ୍ୟ । ତାଙ୍କ ଦୁଃଖ ଶୁଣିବାକୁ ଅଫିସର ବାବୁ ମାନଙ୍କର ଆଗ୍ରହ ନାହିଁ । ସରକାର ସେହି ବର୍ଗର ଅବହେଳିତ ପ୍ରଜା ମାନଙ୍କୁ ଆର୍ଥିକ, ସାମାଜିକ, ଶିକ୍ଷା କ୍ଷେତ୍ରରେ ଉନ୍ନତି ସହ ମୁଖ୍ୟ ସ୍ରୋତରେ ସାମିଲ୍ କରିବାକୁ ଯୋଜନା ଉପରେ ଯୋଜନା କରୁଛନ୍ତି ସତ କିନ୍ତୁ ଅନେକ କ୍ଷେତ୍ରରେ ସେସବୁ ସୁବିଧା ସୁଯୋଗ ପ୍ରକୃତ ହିତିଧିକାରୀଙ୍କ ନିକଟରେ ପହଂଚି ପାରୁନାହିଁ । ଫଳରେ ସେମାନଙ୍କ ଉନ୍ନତି ଧୂଆଁବାଣ ସଦୃଶ୍ୟ ହୋଇପଡିଛି । ସରକାରୀ ଯୋଜନା ଏଠି ଯେଭଳି ବାଟବଣା ହୋଇ ପଡିଛି । ଯାହାକି ଜିଲ୍ଲାର ଭାତହାଣ୍ଡିରୁ ଗୋଟିଏ ହେଉଛି ଚଖୁଆ ଅଂଚଳର ଆଦିବାସୀ ପ୍ରଜା ଟୁଟୁନା ମୁଣ୍ଡା ଓ ଶ୍ରୀକାନ୍ତ ମୁଣ୍ଡା । ଯେଉଁମାନେ ଏହି ଧନୀ ଜିଲ୍ଲାର ଗରୀବ ପ୍ରଜା । ଏହି ଧନୀ ଜିଲ୍ଲାର ଚଖୁଆ ଉପଖଣ୍ଡ ଅନ୍ତର୍ଗତ ବଡନଇଁ ଗ୍ରାମପଚାଂୟତର ଇଚିଣ୍ଡା ଗ୍ରାମର ଡମ୍ବରୁ ମୁଣ୍ଡାଙ୍କର ୧୨ ବର୍ଷର ପୁଅ ଟୁଟୁନା ମୁଣ୍ଡା । ନିରାଶ୍ରୟ ଟୁଟୁନା ଏବେ ତାର କାକା କାନ୍ଧରେ ବୋଝ ହୋଇଛି । ଗତ ୫ ବର୍ଷ ତଳର କଥା ବାପା ମାଙ୍କ ସହ ସୁଖରେ ଚାଲିଥିବା ତାଙ୍କ ସଂସାର ଉପରେ ଆସିଲା ଝଡ଼ । ବାପା ଡମ୍ବରୁ ମୁଣ୍ଡା ଶାରୀରିକ ଅସୁସ୍ଥତା କାରଣରୁ ମୃତ୍ୟୁ ସହ ଯୁଦ୍ଧ କରୁ କରୁ ହାରିଗଲା । ବାପ ଡମ୍ବରୁ ମୃତ୍ୟୁବରଣ କରିବାର ପ୍ରାୟ ୧ ବର୍ଷ ପରେ ସ୍ତ୍ରୀ ମିନତି ମୁଣ୍ଡା ଘର ଛାଡି କୁଆଡେ ଚାଲିଗଲେ ଯେ ଆଉ ଫେରିଲେନି । ଘରେ ଅସହାୟ ଅବସ୍ଥାରେ ରହିଗଲା ୧୨ ବର୍ଷ ବୟସର ଏକ ମାତ୍ର ଟୁଟୁନା । ଟୁଟୁନାର ଅନ୍ୟ କକାମାନେ ରହିଥିଲେ ମଧ୍ୟ କକା ଶ୍ରୀକାନ୍ତ ମୁଣ୍ଡା ଟୁଟୁନା ମୁଣ୍ଡାର ସବୁ ଦାୟିତ୍ୱ ନିଜ କାନ୍ଧ ଉପରକୁ ନେଲେ । ଏମାନେ ସମସ୍ତେ ହୋ' ଆଦିବାସୀ ମୁଣ୍ଡା ପରିବାରର ଅଟନ୍ତି । କିନ୍ତୁ ସେମାନଙ୍କର ଅଭିଯୋଗ ହେଉଛି ଯେ ଏହି ଗରୀବ ଗୁରୁବାଙ୍କ କଥା ବାବୁମାନେ କେହି ଶୁଣନ୍ତି ନାହିଁ । ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡିଏ ନଥିବାରୁ ନିଜସ୍ୱ ଉଦ୍ୟମରେ ନିର୍ମାଣ କରିଥିବା ମାତ୍ର ଗୋଟିଏ ଝାଟିମାଟି ବଖରା ଘରେ କଷ୍ଟ ମଷ୍ଟେ ପରିବାର ବାସ କରୁଛନ୍ତି । ସରକାରୀ ବାବୁ ମାନଙ୍କର କୃପାଦୃଷ୍ଟି ପଡି ନଥିବାରୁ ଏମାନେ ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିକୁ ପକ୍କା ଘର ଆଦି ଯୋଜନାରୁ ବଂଚିତ ଅଛନ୍ତି । ପଚାଂୟତ କର୍ତୃପକ୍ଷ କେବଳ ଦେବେ ଦେବେ ବୋଲି କହୁଛନ୍ତି ସତ କିନ୍ତୁ ଦେଉ ନାହାଁନ୍ତି । ଏପରିକି ପ୍ରଥମେ ନିଅଁ ଖୋଳ , ଘର ଦେବୁ ବୋଲି କହୁଛନ୍ତି , ନିଅଁ ଖୋଳିବା ପରେ ମଧ୍ୟ ଦେଉ ନାହାଁନ୍ତି । ଏପଟେ ଆଦିବାସୀ ବାଳକ ଟୁଟୁନା ଉଚ୍ଚ ଶିକ୍ଷା ଗ୍ରହଣ କରିବା ଦିଗରେ ବେଶ୍ ଆଗ୍ରହୀ ଥିଲେ ମଧ୍ୟ ସେଥିରେ ବି ସମସ୍ୟା ଉପୁଜୁଛି । ସମ୍ପୂର୍ଣ୍ଣ ଗରୀବ ଏହି ଆଦିବାସୀ ପରିବାର ପାଖରେ ଉଚ୍ଚ ଶିକ୍ଷାପାଇଁ ସାମର୍ଥ୍ୟ ନାହିଁ । ଯେଉଁଥିପାଇଁ ଉଚ୍ଚଶିକ୍ଷା ଇଚ୍ଛା ତାର ଦିନକୁ ଦିନ ମଉଳିବାରେ ଲାଗିଛି । ସ୍ୱଳ୍ପ ବ୍ୟୟ ଆବାସ ଛାତ୍ରାବାସରେ ୫ମ ଶ୍ରେଣୀ ଶିକ୍ଷା ସମାପ୍ତ ହୋଇଛି । ମାତ୍ର ଉଚ୍ଚ ବିଦ୍ୟାଳୟ ଶିକ୍ଷା ନିମନ୍ତେ ପଚାଂୟତରେ ବ୍ୟବସ୍ଥା ନଥିବା ଯୋଗୁଁ ଟୁଟୁନାଙ୍କ ପାଇଁ ସମସ୍ୟା ସୃଷ୍ଟି ହୋଇଛି । ଏ ଦିଗରେ ବିଭାଗୀୟ ପଦାଧିକାରୀ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଅନୁରୋଧ ହୋଇଛି । ଖଣି ପ୍ରଭାବିତ ଅଂଚଳର ବିକାଶ ଉଦ୍ଦେଶ୍ୟରେ ଖଣିଜ ପ୍ରତିଷ୍ଠାନ ମାନ ପ୍ରତିଷ୍ଠା ହୋଇଛି । ତାହାର ମଧ୍ୟ ଉପଯୁକ୍ତ ବିନିଯୋଗ ଉପରେ ଜିଲ୍ଲା ପ୍ରଶାସନ କର୍ତୃପକ୍ଷ ଉଚିତ ଧ୍ୟାନ ଦେବାର ଆବଶ୍ୟକତା ରହିଛି ଯଦ୍ୱାରା ଟୁଟୁନା ମୁଣ୍ଡା ଭଳି ବାଳକ ଉପକୃତ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି।

ବିଞ୍ଚାରପୁର ବ୍ଲକର ସୟଦ୍ ପୁର ଓ ବଡ଼ଚଣା ବ୍ଲକର ଖଏରା ପଚାଂୟତକୁ କଂଟେନମେଂଟ ଜୋନ୍ ଘୋଷଣା

ଅଗଷ୍ଟ ୧ ତାରିଖ ସକାଳ ୭ଟା ପର୍ଯ୍ୟନ୍ତ କଟକଣା

ଯାଜପୁର, ୧୯/୭ (ନି.ପ୍ର): ଯାଜପୁର ଜିଲ୍ଲାର ବିଞ୍ଚାରପୁର ବ୍ଲକ୍ ର ଗୋଟିଏ ପଚାଂୟତ ଓ ବଡ଼ଚଣା ବ୍ଲକର ଗୋଟିଏ ପଚାଂୟତକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କଂଟେନମେଂଟ ଜୋନ୍ ଘୋଷଣା କରାଯାଇଛି । ଆଜି ସକାଳ ୭ଟା ଅର୍ଥାତ୍ ୧୮ ତାରିଖ ସକାଳ ୭ଟା ଠାରୁ ଅଗଷ୍ଟ ୧ ତାରିଖ ସକାଳ ୭ଟା ପର୍ଯ୍ୟନ୍ତ ଏହି କଟକଣା ବଳବତର ରହିବ । ବିଞ୍ଚାରପୁର ବ୍ଲକ୍ ର ଗୋଟିଏ ପଚାଂୟତ ସୟଦ୍ ପୁର ଓ ବଡ଼ଚଣା ବ୍ଲକର ଖଏରା ପଚାଂୟତକୁ କଂଟେନମେଂଟ ଜୋନ୍ ଘୋଷଣା କରାଯାଇଛି । ଖଏରା ପଚାଂୟତର ଉପରସାହିର ୱାର୍ଡ଼ ନଂ ୧,୨ ର ୫୦ଟି ଘର ଓ ୨୫୦ ଲୋକଙ୍କୁ ଏହି କଂଟେନମେଂଟ ଜୋନ୍ ମଧ୍ୟରେ ରହିଛନ୍ତି । ସେହିପରି ସୟଦପୁର ପଚାଂୟତର ବିଞ୍ଚାରପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ କଲୋନୀ ର ୭ ଟି ଘରର ୨୦ ଜଣ ଲୋକ କଂଟେନମେଂଟ ଜୋନ୍ ମଧ୍ୟରେ ରହିଛନ୍ତି । ସେମାନଙ୍କର ସ୍ୱାସ୍ଥ୍ୟ, ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ, ପରିମଳ ବ୍ୟବସ୍ଥା, ଏବଂ ଆଇନଶୃଙ୍ଖଳା ନେଇ ୪ ଜଣ ନୋଡାଲ୍ ଅଫିସରଙ୍କୁ ନିଯୁକ୍ତି କରିଛି ଜିଲ୍ଲା ପ୍ରଶାସନ । ସେମାନେ ହେଲେ ବିଞ୍ଚାରପୁର ବ୍ଲକ୍ ନିମନ୍ତେ ସ୍ଥାନୀୟ ତହସିଲଦାର ଅସ୍ମିତା ଦାଶ (ପରିମଳ ବ୍ୟବସ୍ଥା), ବିଞ୍ଚାରପୁର ବିଡ଼ିଓ ମିନତୀ ଜଗଦେବ (ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ), ଡ଼ାକ୍ତର ପ୍ରକାଶ ପଣ୍ଡା (ସ୍ୱାସ୍ଥ୍ୟ ସମ୍ବନ୍ଧୀୟ), ଏବଂ ବିଞ୍ଚାରପୁର ଥାନା ଅଧିକାରୀ ଶିବଚରଣ ବେହେରା (ଆଇନ ଶୃଙ୍ଖଳା ପରିସ୍ଥିତି) ବାବଦରେ ବୁଝାସୁଝା କରିବେ । ସେହିପରି ବଡ଼ଚଣା ବ୍ଲକ୍ ନିମନ୍ତେ ଦର୍ପଣ ତହସିଲଦାର ବରେନ୍ଦୁ ମହାନ୍ତି (ପରିମଳ ବ୍ୟବସ୍ଥା), ଅଜିତ୍ ଏନ.ପି. ଗିରି ବିଡ଼ିଓ ବଡ଼ଚଣା (ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ), ଡାକ୍ତର ରଶ୍ମିରଞ୍ଜନ ପଶାୟତ (ବଡ଼ଚଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ବଡ଼ଚଣା ଥାନା ଅଧିକାରୀ ପ୍ରିୟବ୍ରତ ରାଉତଙ୍କୁ ନିଯୁକ୍ତ କରାଯାଇଛି ।

ନିର୍ବାହୀ ଯନ୍ତ୍ରୀ ରଥଦାଣ୍ଡ ସୌନ୍ଦଯ୍ୟୀ କରଣ କାର୍ଯ୍ୟ ତଦାରଖ କଲେ

କେନ୍ଦ୍ରାପଡ଼ା, ୧୯/୭ (ନି.ପ୍ର): କେନ୍ଦ୍ରାପଡାର ଶ୍ରୀ ବଳଦେବଜୀୟୁଙ୍କ ରଥଦାଣ୍ଡ ସୌନ୍ଦଯ୍ୟୀ କରଣ କାମ ଚାଲୁ ରହିଥିବା ବେଳେ ଏହି କାର୍ଯ୍ୟକୁ ପୃତ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରଦିପ କୁମାର ମହାନ୍ତି ଘଟଣା ସ୍ଥଳକୁ ଯାଇ ତଦାରଖ କରିଥିବାର ଜଣା ପଡିଛି । ସୂଚନା ଯୋଗ୍ୟ ଯେ, ଏହି ସୌନ୍ଦଯ୍ୟୀ କରଣ କାର୍ଯ୍ୟରେ ଉଭୟ ପାଶ୍ୱରେ ୮ଫୁଟ ଓସାରର ଫୁଟପାଥ୍ ନିର୍ମାଣ କରାଯାଉଛି । ଏହି ଫୁଟପାଥ୍ ରୁ ପାର୍ଶ୍ୱବର୍ତୀ ସାହିକୁ ଯିବା ପାଇଁ ସ୍ଲୋପିଙ୍ଗ ମଧ୍ୟ କରାଯାଉଛି । ଏଥି ଫୁଟପାଥ୍ ହେବାଦ୍ୱାରା ରଥଦାଣ୍ଡର ଉଭୟ ପାର୍ଶ୍ୱର କିଛି ଯାଗା ଖାଲି ପଡି ଥିବାରୁ ସେଠାରେ ପାର୍କ ନିର୍ମାଣ କରିବାକୁ ଦାବି ହେଉଛି । ଏହି କାର୍ଯ୍ୟକୁ ନିବାର୍ହୀ ଯନ୍ତ୍ରୀ ଶ୍ରୀ ମହାନ୍ତି ତଦାରଖ କରୁଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଏସଡିଓ ବିଜୟାନନ୍ଦ ଦାସ, ଠିକାଦାର ମହମ୍ମଦ ବଦରୁଦ ଜମାଙ୍କ ସମେତ ସ୍ଥାନୀୟ ମୁରବୀ ପ୍ରଦିପ କୁମାର ସାହୁ ଓ ଅନ୍ୟ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ ।

ଧର୍ମଶାଳା ବ୍ଲକ କମାଗଡ ଅଂଚଳକୁ କଂଟେନମେଂଟ ଜୋନ ଘୋଷିତ

ଧର୍ମଶାଳା, ୧୯/୭ (ନି.ପ୍ର): ଆଜି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଂଟିଆ ପଂଚାୟତସ୍ଥ କମାଗଡ ଗ୍ରାମରୁ ଜଣେ ୫୩ ବର୍ଷୀୟ ପୁରୁଷଙ୍କର କରୋନା ପଜିଟିଭ ରିପୋର୍ଟ ଆସିଥିବା ଜଣାପଡିଛି । ତାଙ୍କୁ କଳିଙ୍ଗନଗରସ୍ଥିତ ଟାଟା କୋଭିଡ-୧୯ହସ୍ପିଟାଲକୁ ପଠାଇ ଦିଆଯାଇଥିବା ଜଣାପଡିଛି । ଲୋକାଲ ଅଂଚଳରୁ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ସମସ୍ତ ପରିବାରକୁ କ୍ୱାରେଟାଇନ କରାଯାଇଛି । ଆଜି ପ୍ରଶାସନ ପକ୍ଷରୁ କମାଗଡ ଅଂଚଳକୁ କଂଟେନମେଂଟ ଜୋନଭାବେ ଘୋଷଣା କରାଯାଇଛି ।

ଫୁଲବାଣୀ ଓ ବାଲିଗୁଡାର ୨୬ଟି ୱାର୍ଡରେ ହେଲଥ ସର୍ଭେ ଜାରୀ

ଘର ଘର ବୁଲି ସର୍ଭେ କରୁଛନ୍ତି ନିୟୋଜିତ ଦଳର ସଦସ୍ୟମାନେ

କନ୍ଧମାଳ, ୧୯/୭ (ନି.ପ୍ର): ୧୭ ତାରିଖ ସଂନ୍ଧ୍ୟା ୭ଟା ଠାରୁ ୨୨ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ୪ ଦିନ ପାଇଁ ଫୁଲବାଣୀ ପୌରାଂଚଳ ଏବଂ ବାଲିଗୁଡା ବିଜ୍ଞାପିତ ଅଂଚଳ ପରିଷଦର ସମସ୍ତ ସହରାଂଚଳ ଗୁଡିକରେ ସଟ୍‌ଡାଉନ ଘୋଷଣା କରାଯାଇଛି । ଏହି ଚାରି ଦିନ ପାଇଁ ଉଭୟ ଫୁଲବାଣୀ ଓ ବାଲିଗୁଡା ସହରାଂଚଳର ସମସ୍ତ ପ୍ରବେଶ ପଥ ଗୁଡିକ ସିଲ କରାଯାଇଛି ଗତକାଲିଠାରୁ ଏହା ଲାଗୁ ହୋଇଥିବା ବେଳେ । ଆଜି କୌଣସି ଯାନବାହାନ, ଅଟୋରିକ୍ସା କିମ୍ବା କୌଣସି ଗାଡି ମଟର ଚଳାଚଳ କରୁନାହିଁ । ରାସ୍ତାଘାଟ ଖାଁଖାଁ ଲାଗୁଛି । କାଁଭାଁ ଲୋକେ ସେମାନଙ୍କର ଅତ୍ୟାବଶ୍ୟକୀୟ କାର୍ଯ୍ୟରେ ବାହାରକୁ ବାହାରୁଛନ୍ତି । ଏହି ଦୁଇ ସହରାଂଚଳରେ ଥିବା ୨୬ଟି ୱାର୍ଡରେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଲୋକଙ୍କର ଘରଘରକୁ ବୁଲି ସ୍ୱାସ୍ଥ୍ୟ କର୍ମିମାନେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି । ଏହି ହେଲଥ୍ ସର୍ଭେପାଇଁ ଜିଲାର ଶିକ୍ଷକ ଶୀକ୍ଷୟୀତ୍ରୀ, ଏ.ଏନ.ଏମ, ଅଙ୍ଗନବାଡି କର୍ମି, ଆଶା ଏବଂ ଫୁଲବାଣୀ ଟିମ ହ୍ୟୁମାନିଟିର ସ୍ୱେଚ୍ଛାସେବୀ ମାନଙ୍କ ସମେତ କିଛି ସ୍ୱଚ୍ଛ ସାଥିମାନଙ୍କୁ ନେଇ ଏକ ଟିମ ଏଥିରେ କାର୍ଯ୍ୟରତ ଅଛନ୍ତି । ପ୍ରତ୍ୟେକ ଟିମରେ ୨ ଜଣ ଲେଖାଏଁ ରହିବା ସହିତ ପ୍ରତି ୱାର୍ଡରେ ୪ଟି ଟିମ୍ କାର୍ଯ୍ୟ କରିବ ପ୍ରତ୍ୟେକ ୱାର୍ଡକୁ ଦୁଇଜଣ ମନିଟରିଙ୍ଗ କରୁଛନ୍ତି । ଏହାସହିତ ୧୦ ଜଣ ଜିଲା ସ୍ତରୀୟ ଅଧିକାରୀଙ୍କୁ ଏହି କାର୍ଯ୍ୟର ସର୍ଭେ କରିବାପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସର୍ଭେ ସମୟରେ ସ୍ୱସ୍ଥ୍ୟ କର୍ମୀମାନେ ଥର୍ମାଲ ସ୍କାନିଙ୍ଗ କରୁଛନ୍ତି । ଲୋକଙ୍କର ନିଶ୍ୱସ ପ୍ରଶ୍ୱାସରେ କୌଣସି ସମସ୍ୟା ଦେଖାଗଲେ ପଲ୍ସ ଅକ୍ସିମିଟର ସାହାଜ୍ୟରେ ଅକ୍ସିଜେନ ସାଚୁରେସନ ଚେକ ମଧ୍ୟ କରାଯାଉଛି । ସେମାନଙ୍କର କିଛି କରୋନା ଲକ୍ଷଣ ଦେଖାଦେଲେ ପରଦିନ ସେମାନଙ୍କର ଆଣ୍ଟିଜେନ୍ ଟେଷ୍ଟ କରିବାପାଇଁ ବ୍ୟବସ୍ଥା ସେମାନଙ୍କୁ ନିର୍ଦ୍ଦେଶ ରହିଛି । ଏହି ସଟଡାଉନର ୪ ଦିନିଆ ଅବଧିରେ ଘରୁ ନ ବାହାରିବା ସହିତ ସର୍ଭେ କରୁଥିବା ସମସ୍ତ କର୍ମଚାରୀ ମାନଙ୍କୁ ସହେଯାଗ କରିବାକୁ ସର୍ବସାଧାରଣକୁ ଜିଲା ପ୍ରଶାସନ ତରଫରୁ ପରାମର୍ଶ ଦିଆଯାଇଛି । ଏଥିରେ ସହେଯାଗ କରୁନଥିବା ବ୍ୟକ୍ତି ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ମଧ୍ୟ ପୋଲିସ ବିଭାଗକୁ ଜିଲା ପ୍ରଶାସନ ତରଫରୁ ନିର୍ଦ୍ଦେଶ ରହଛି ।

୩ ଆକ୍ରାନ୍ତଙ୍କୁ ୩ ସୁସ୍ଥ, ଆକ୍ଟିଭ ସଂଖ୍ୟା ୨୬ରେ ସୀମିତ : ବଦଳିଲା ଦୋକାନ ବଜାର ଖୋଲା ରହିବା ସମୟ, ସନ୍ଧ୍ୟା ୫ରେ ଦୋକାନ ବନ୍ଦ

ସନ୍ଧ୍ୟା ୬ରୁ ସକାଳ ୫ ପର୍ଯ୍ୟନ୍ତ କର୍ଫ୍ୟୁ

ଭଦ୍ରକ, ୧୯/୭ (ହି.ସ.) - ଗତକାଲି ଜିଲ୍ଲାରେ ମୋଟ ୩ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୩ଜଣ ଆକ୍ରାନ୍ତ ସୁସ୍ଥ ମଧ୍ୟ ହୋଇଛନ୍ତି । ଫଳରେ ଜିଲ୍ଲାର ମୋଟ ଆକ୍ଟିଭ କେଶ ୨୬ରେ ସୀମିତ ରହିଛି । ନୂତନ ଚିହ୍ନଟ ୩ ଆକ୍ରାନ୍ତ ସମସ୍ତ ଲୋକାଲ କଂଟାକ୍ଟ । ୨ ଜଣ ଭଦ୍ରକ ବ୍ଲକ ଅଂଚଳର ହୋଇଥିବା ବେଳେ ଜଣେ ଭଦ୍ରକ ପୌରପାଳିକାର । ନୂତନ ଚିହ୍ନଟ ଜଣେ ଭଦ୍ରକ ବ୍ଲକର ବଣିଆ, ଜଣେ କୋରକୋରା ପ ାୟତର ହୋଇଥିବା ବେଳେ ଆଉ ଜଣେ ପୌରପାଳିକାର ୧୩ ନଂ ୱାର୍ଡ ଅ ଳର । ଏବେ ଜିଲ୍ଲାର ସ୍ଥିତି ଅନୁସାରେ ମୋଟ ନମୁନା ପରୀକ୍ଷା ହୋଇଛି ୧୩ ହଜାର ୪୮୯, ମୋଟ ପଜିଟିଭ୍ ୩୧୮, ସୁସ୍ଥ ୨୯୧ । ସଂପ୍ରତି ଜିଲ୍ଲାର କରୋନା ପରିସ୍ଥିତିକୁ ଲକ୍ଷ୍ୟ କରି ଜିଲ୍ଲାପାଳ ଦୋକାନ ବଜାର ଖୋଲା ରହିବା ସମୟ ଉପରେ କଟକଣା ଜାରି କରିଛନ୍ତି । ଏବେ ସନ୍ଧ୍ୟା ୫ ରେ ସମସ୍ତ ଦୋକାନ ବଜାର ବନ୍ଦ କରାଯିବ ଏବଂ ସନ୍ଧ୍ୟା ୬ରୁ ସକାଳ ୫ ପର୍ଯ୍ୟନ୍ତ କର୍ଫ୍ୟୁ ବଳବତର ରହିବ । ଏହି କଟକଣା ଚଳିତ ଜୁଲାଇ ୩୧ ପର୍ଯ୍ୟନ୍ତ ଲାଗୁ ରହିବ ବୋଲି ଜିଲ୍ଲାପାଳ ଡ. ଜ୍ଞାନ ଦାସ ସୂଚନା ଦେଇଛନ୍ତି । ଏହା ବ୍ୟତୀତ ସମସ୍ତ ନର୍ସିଂହୋମ, କ୍ଲିନିକ ଆଦିରେ ସ୍ୱତନ୍ତ୍ର ଆଇସୋଲେସନ ବ୍ୟବସ୍ଥା ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି । ସମସ୍ତ ରୋଗୀଙ୍କ ଠାରୁ ଆରମ୍ଭ କରି ସେମାନଙ୍କ ଆଟେଣ୍ଡାଂଟ ସମସ୍ତେ କ୍ଲିନିକ ଆସିବା ମାତ୍ରେ ହାତ ସାନିଟାଇଜ କରିବେ ଏବଂ ମାସ୍କ ପିନ୍ଧିଥିବେ । ଜଣେ ରୋଗୀଙ୍କୁ ଦେଖି ସାରିବା ପରେ ଡାକ୍ତର ସମସ୍ତ ଡାକ୍ତରୀ ସରଞ୍ଜାମକୁ ସାନିଟାଇଜ କରିବା ପରେ ପୁଣି ଅନ୍ୟ ଜଣେ ରୋଗୀଙ୍କୁ ଦେଖିବେ । ଡାକ୍ତରଖାନାକୁ ଆସୁଥିବା ରୋଗୀ ଏବଂ ସେମାନଙ୍କ ଆଟେଣ୍ଡାଂଟଙ୍କର ଏକ ରେଜିଷ୍ଟର ରହିବ । ସମସ୍ତ ନର୍ସିଂହୋମ, କ୍ଲିନିକ, ଡାକ୍ତର ଆସୁଥିବା ମେଡିସିନ ଷ୍ଟୋର ମାଲିକମାନେ ଏହି ସୁବିଧା ରଖିଥିବା ସମ୍ପର୍କରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଆଜି ଆକ୍ରାନ୍ତ ଚିହ୍ନଟ ପରେ ଭଦ୍ରକ ପୌରପାଳିକାର ୧୩ ନଂୱାର୍ଡର ଅପର୍ତିବିନ୍ଧା, କମାରସାହି ଅଂଚଳକୁ କଂଟେନମେଂଟ ଓ ୧୦ ନଂ ୱାର୍ଡକୁ ବଫରଜୋନ ଘୋଷଣା କରାଯାଇଛି । ସମାନ ଭାବେ ଭଦ୍ରକ ବ୍ଲକର କୋରକୋରା ପଂଚାୟତ ବଫରଜୋନ ଓ କୋରକୋରା ଗ୍ରାମକ ନ ଜୋନ ହୋଇଥିବା ବେଳେ ବଣିଆ ପଂଚାୟତ ବଫରଜୋନ ଓ ବଣିଆ ଗ୍ରାମ କଂଟେନମେଂଟ ଜୋନ ହୋଇଛି । ଅନ୍ୟପକ୍ଷରେ ବାସୁଦେବପୁର ବ୍ଲକର ଖରିଦାବିନାୟକପୁର, ପଦ୍ମପୁର ଏବଂ ଧାମନଗର ବ୍ଲକର ନଦୀଗାଁ ପଂଚାୟତକୁ ବଫରଜୋନ କଟକଣାରୁ ମୁକ୍ତ କରାଯାଇଥିବା ବେଳେ ବାସୁଦେବପୁର ବ୍ଲକର ବଗଦାବିନାୟକପୁର ଗ୍ରାମ, କପାଗଡିଆ ନୋଡାଲ ସ୍କୁଲ, ପଦ୍ମପୁର ଗ୍ରାମର ଠାକୁରବାଡି ସାହି, ଧାମନଗର ବ୍ଲକର ନଦୀଗାଁ ହାଇସ୍କୁଲକୁ କ ନମେ ଜୋନ କଟକଣାରୁ ମୁକ୍ତ କରାଯାଇଛି ।

କାଗଜ ପତ୍ରରେ କୋଟିଏରୁ ଉର୍ଦ୍ଧ୍ୱ ଖର୍ଚ୍ଚ ହେଲା, ଜଳସେଚନ ବ୍ୟବସ୍ଥା ୬୦ ହେକ୍ଟରରୁ କମ୍

କନ୍ଧମାଳ, ୧୯/୭ (ନି.ପ୍ର): ସରକାରୀ ଚାଷଜମିକୁ ଜଳସେଚନ ବ୍ୟବସ୍ଥା ଯୋଗାଇ ଦେବାଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ଏହାର ସୁଫଳ ପାଉନାହାଁନ୍ତି ଚାଷୀ । ଗତ ୨୦୧୮-୧୯ ବର୍ଷରେ ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ପକ୍ଷରୁ କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକର ୧୧ଟି ଡବ୍ଲୁଏଚଏସ ନିର୍ମାଣ କରାଯାଇ ଖରୀଫରେ ୬୦ ହେକ୍ଟରରୁ ଅଧିକା ଚାଷଜମିକୁ ଜଳସେଚନ ବ୍ୟବସ୍ଥା କରାଯାଇଥିବା କୁହାଯାଇଥିଲେ ମଧ୍ୟ ପ୍ରକୃତ ପକ୍ଷେ ସେଭଳି କିଛି କେନାଲ ବ୍ୟବସ୍ଥା କରାଯାଇନାହିଁ । ଚାଷଜମି ପାଖକୁ କେନାଲ ବ୍ୟବସ୍ଥା କରାଯାଇନଥିବା ଚାଷୀ ଅଭିଯୋଗ କରୁଛନ୍ତି । ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ମଧ୍ୟ ନିମ୍ନମାନର ଓ ଉପର ଠାଉରିଆ ଭାବେ କରାଯାଇଥିବା ଅଭିଯୋଗ କରିଛନ୍ତି ଚାଷୀ । ପୂର୍ବରୁ ଫିରିଙ୍ଗିଆ ବ୍ଲକରେ ଅର୍ଥାତ୍ ଗତ ୨୦୧୮ ଖରିଫରେ ୭୩ଟି ପ୍ରକଳ୍ପ ଜରିଆରେ ୫୦୦.୫୬ ହେକ୍ଟର ଚାଷଜମିକୁ ଜଳସେଚନ ବ୍ୟବସ୍ଥା ଥିବା କୁହାଯାଇଥିବା ବେଳେ ୨୦୧୯ ଖରୀଫରେ ୮୮ଟି ପ୍ରକଳ୍ପ ମାଧ୍ୟମରେ ୫୬୨.୫୬ ହେକ୍ଟର ଚାଷଜମିକୁ ଜଳସେଚନ ବ୍ୟବସ୍ଥା ଥିବା ରିପୋର୍ଟରେ ଦର୍ଶାଇଛନ୍ତି । ତେବେ, ଏସବୁ ବାସ୍ତବରେ ତଦନ୍ତ କରାନଯାଇ ଚାଷୀଙ୍କୁ ନପଚାରି ନିଜେ ଆନୁମାନିକ ଭାବେ ମନଇଚ୍ଛା ହିସାବ କରି ଅଧିକା ଦର୍ଶାଇଥିବା ଶୁଣିବାକୁ ମିଳୁଛି । ତେବେ, ପ୍ରକୃତରେ ଏକ ଉଚ୍ଚସ୍ତରୀୟ ଟିମ୍ ଗୋଟି ଗୋଟି କରି ପ୍ରକଳ୍ପ ବୁଲି ଦ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା କେଳେଙ୍କାରୀରେ ଶାସକ ଦଳ ସମର୍ଥୀତ ସରପଂଚ ଜୋର ଜବରଦସ୍ତି ଯୋଗ୍ୟ ହିତାଧିକାରୀଙ୍କୁଠାରୁ ଟଙ୍କା ଆଦାୟ ପ୍ରସଙ୍ଗ

ପ୍ରଧାନମନ୍ତ୍ରୀଙ୍କ 'ହାଉସିଂ ଫର୍ ଅଲ୍' ସ୍ୱପ୍ନକୁ ଧୂଳିସାତ କରିବା ପାଇଁ ବିଧିବଦ୍ଧ ଭାବେ ଷଡଯନ୍ତ୍ର ଚଲାଇଛନ୍ତି ରାଜ୍ୟସରକାର :ବିଜେପି

ଭୁବନେଶ୍ୱର,୧୯।୭ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ୨୦୨୨ ସୁଦ୍ଧା ଦେଶର ସମସ୍ତ ଗରିବ ଲୋକଙ୍କୁ ହାଉସିଂ ଫର ଅଲ୍ ତଥା ପକ୍କା ଘର ଯୋଗାଇଦେବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଯ୍ୟ କରୁଛନ୍ତି । କିନ୍ତୁ ରାଜ୍ୟସରକାର ଏଠି ପାତର ଅନ୍ତର ନୀତି ଆପଣାଇ କେବଳ ଦଳୀୟ କର୍ମୀମାନଙ୍କୁ ପକ୍କା ଘର ଯୋଗାଇ ଚାଲିଛନ୍ତି । ଅନ୍ୟପଟେ ଯୋଗ୍ୟ ହିତାଧିକାରୀ ମାନେ ଘରେ ଖଣ୍ଡେ ପାଇବାରୁ ବଂଚିତ ହେଉଛନ୍ତି । ସାରା ରାଜ୍ୟରେ ବିଜେଡିର ଏଜେଂଟ ମାନେ ପ୍ରତି ହିତାଧିକାରୀଙ୍କ ଠାରୁ ୧୦-୨୫ ହଜାର ଟଙ୍କାର ଲାଂଚ ନେଇ ଗରିବ ଖଟିକିଆ ଲୋକଙ୍କୁ ତାଲିକାଭୁକ୍ତ କରୁଛନ୍ତି । ବିଜେପି ଏହାର ପ୍ରତିବାଦରେ ବାରମ୍ବାର ଅଭିଯୋଗ କରୁଥିଲେ ବି ରାଜ୍ୟସରକାର ଅଭିଯୁକ୍ତମାନଙ୍କ କୌଣସି କାର୍ଯ୍ୟାନୁଷ୍ଠାନ ନେବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି । କେନ୍ଦ୍ରୀୟ ଯୋଜନାକୁ ହଡପ କରି ଗରିବ ଲୋକଙ୍କୁ ଟଂଟି ଚିପି ଅର୍ଥ ଆଦାୟ କରିବା ଏବଂ ମୋଦି ସରକାର ପଠାଉଥିବା ଅର୍ଥକୁ ଗରିବ ଲୋକଙ୍କୁ ପାଖରେ ନପହଂଚାଇ ଶାସକ ଦଳର ନେତା ମାନେ ନିଜ ପକେଟ ଗରମ କରି ଚାଲିଛନ୍ତି । ରାଜ୍ୟସରକାର ଗରିବ ଲୋକଙ୍କ ଅଧିକାରକୁ ହତ୍ୟା କରୁଛନ୍ତି ଏବଂ ତାଙ୍କର ଅଧିକାରୀ ଓ ଶାସକ ଦଳର ନେତାମାନଙ୍କର ରାଜନୈତିକ ଉତରାଧିକାରୀ ମାନେ ଗରିବ ଲୋକଙ୍କୁ ଲୁଟ୍ କରିବା ପାଇଁ ଖୋଲାବାଟ ଛାଡିଦେଇଛନ୍ତି ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଭିଯୋଗ କରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡେ ପାଇବାକୁ ସାଧାରଣ ଗରିବ ଲୋକ ପାଇଁ ଏବେ କାଠିକର ପାଠ ହୋଇଛି । ବିନା ଲାଂଚ ନଦେଲେ ଯୋଗ୍ୟ ହିତାଧିକାରୀଙ୍କ ନାଁକୁ ତାଲିକାଭୁକ୍ତ କରାଯାଉ ନାହିଁ । ଶାସକ ଦଳ ସମର୍ଥୀତ ସରପଂଚ ମାନେ ଟଙ୍କା ଦେବା ପାଇଁ ବି ଧମକ ଦେଉଛନ୍ତି । ଯୋଗ୍ୟ ହିତାଧିକାରୀମାନେ ଯୋଜନାରୁ ବଂଚିତ ହେଉଥିବାବେଳେ ଶାସକ ଦଳର ନେତାମାନେ କଲେକ୍ସନ ଏଜେଂଟର ଭୂମିକା ନିଭାଉଛନ୍ତି । ବାଣପୁର ବ୍ଲକ ଭବାନୀପୁର ପଂଚାୟତ ସାହାସପୁର ଗାଁର ଜଣେ ବ୍ରାହ୍ମଣ ବିଧବା ମହିଳା ଅହଲ୍ୟା ବେଓ୍ୱାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଦେବାପାଇଁ ସେହି ଗାଁର ସରପଂଚଙ୍କ ସ୍ୱାମୀ ୫ ହଜାର ଟଙ୍କା ଲାଂଚ ମାଗିଥିଲା । ଏପରକି ଟଙ୍କା ନଦେଲେ ନାଁ କଟିଯିବ ଏବଂ ଘର ମିଳିବନି ବୋଲି ଡାଗିଦ ବି କରିଥିଲା । ଗରିବ ବ୍ରାହ୍ମଣ ପରିବାର ହୋଇଥିବାରୁ ୩ ପଇସା ସୁଧରେ ଜନୈକ ମହିଳା ଜଣଙ୍କୁ ୫ ହଜାର ଟଙ୍କା ଧାର ଆଣି ସରପଂଚଙ୍କ ସ୍ୱାମୀଙ୍କୁ ଦେଇଥିଲେ । କିଛି ଦିନ ପରେ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ବାଣପୁର ଶାଖାକୁ ସରପଂଚଙ୍କ ଭାଇ ଅହଲ୍ୟାଙ୍କୁ ନେଇ ଟିପ ଚିହ୍ନ ଦେଇ ୨୦ ହଜାର ଟଙ୍କାର ପ୍ରଥମ କିସ୍ତି ଉଠାଇ ମହିଳାଙ୍କୁ ୧୦ ହଜାର ଟଙ୍କା ଦେଇ ବାକି ୧୦ ହଜାର ଟଙ୍କା ନିଜେ ହଡପ କରିଥିଲେ । ଏହି ଘଟଣାରୁ ସ୍ପଷ୍ଟ ଯେ , ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଆସୁଥିବା ୨୦ ହଜାର ଟଙ୍କାର ପ୍ରଥମ କିସ୍ତିରୁ ହିତାଧିକାରୀ ମାତ୍ର ୫ ହଜାର ଟଙ୍କା ପାଉଥିବାବେଳେ ବାକି ୧୫ ହଜାର ଟଙ୍କାକୁ ଶାସକ ଦଳର ଏଜେଂଟମାନେ ହେରଫେର କରୁଛନ୍ତି । କେବଳ ବାଣପୁର ବ୍ଲକ ନୁହେଁ ଭାତ ହାଣ୍ଡିରୁ ଭାତ ଚିପିଲା ଭଳି ଏହା ଏକ ନଗ୍ନ ଉଦାହରଣ । କେନ୍ଦ୍ରୀୟ ଯୋଜନାକୁ ଲୋକଙ୍କ ପାଖରେ ପହଂଚାଇବା ପାଇଁ ରାଜ୍ୟର ସମସ୍ତ ପଂଚାୟତରେ ଏପରି ଶାସକ ଦଳର ଏଜେଂଟ ମାନେ ଗୁଣ୍ଡାଗର୍ଦ୍ଦି କରିବା, ଧମକ ଦେବା , ଲାଂଚ ମାଗିବା ଏବଂ ଦଳୀୟ ଲୋକଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇଦେବା କାର୍ଯ୍ୟ ଚାଲୁରଖିଛନ୍ତି ବୋଲି ଶ୍ରୀ ହରିଚନ୍ଦନ ଅଭିଯୋଗ କରିଛନ୍ତି । ଗତ କିଛି ଦିନ ତଳେ ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅଫିସ ପଛପଟ ପଡିଆରେ ପିଏମଏୱାଇ ଆବେଦନ ପତ୍ର ଫୋପଡା ହେବା ଏବଂ କିଛି ଅଧାଜଳି ଯାଇଥିବା ଫର୍ମ ପଡିଥିବା ଘଟଣା କିଛି ଗଣମାଧ୍ୟମ ନଜରକୁ ଆସିଥିଲା । ଏ ବାବଦ ବ୍ଲକର ଅଧିକୃତ ଅଧିକାରୀମାନଙ୍କୁ ପ୍ରଶ୍ନ ପଚାରିବାରୁ ସେମାନଙ୍କ ଠାରୁ କୌଣସି ସନ୍ତୋଷଜନକ ଉତର ମିଳିନିଥିଲା । ଏହି ଘଟଣା ବିରୁଦ୍ଧରେ ଥାନାରେ ଏତଲା ଦେବା ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରୀ ହରିଚନ୍ଦନ ଦାବି କରିଛନ୍ତି । ରାଜ୍ୟରେ ଏଭଳି ଭଷ୍ଟାଚାର ବିରୁଦ୍ଧରେ ଅନେକ ଉଦାହରଣ ନେଇ ବିଜେପି ପକ୍ଷରୁ ରାଜ୍ୟସରକାରଙ୍କୁ ପ୍ରଶ୍ନ କରାଯାଇଥିଲେ ବି ଏ ପର୍ଯ୍ୟନ୍ତ କାହାକୁ ନିଲମ୍ବନ କିମ୍ବା ଗିରଫ କରାଯାଇନାହିଁ । ଓଡିଶା ପ୍ରଦେଶର ଜନଜସାଧାରଣ ଏଭଳି ଦୁର୍ନୀତି ଓ ଭଷ୍ଟାଚାରକୁ ପ୍ରଶୟ ଦେବେ ନାହିଁ । ଓଡିଆ ପ୍ରଦେଶରେ ପ୍ରଧାନମନ୍ତ୍ରୀଙ୍କ 'ହାଉସିଂ ଫର୍ ଅଲ୍' ସ୍ୱପ୍ନକୁ ଧୂଳିସାତ କରିବା ପାଇଁ ବିଧିବଦ୍ଧ ଭାବେ ଷଡଯନ୍ତ୍ର ଚଲାଇଛନ୍ତି ରାଜ୍ୟସରକାର । ଏଥି ପାଇଁ ରାଜ୍ୟରକାର ହିଁ ଦାୟୀ । କେନ୍ଦ୍ରୀୟ ଯୋଜନା କେଳେଙ୍କାରୀରେ ସଂପୃକ୍ତ ଥିବା ଶାସକ ଦଳର ନେତାମାନଙ୍କୁ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଗିରଫ କରିବାର ସାହାସ ରାଜ୍ୟସରକାର ଦେଖାନ୍ତୁ ଏବଂ ଏଭଳି ହେରାଫେରୀ କାର୍ଯ୍ୟକୁ ରୋକିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ନିୟୋଜିତ କରିବା ପାଇଁ ଶ୍ରୀ ହରିଚନ୍ଦନ ଦାବି କରିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ରାଜ୍ୟରେ ଆଉ...

ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ଜିଲ୍ଲାରେ ସବୁଠାରୁ ଅଧିକ ୨୪୭ ଟି ନୂଆ ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୨୨ , ବାଲେଶ୍ୱର ଜିଲ୍ଲାରେ ୩୩ ଜଣ, ବରଗଡ ଜିଲ୍ଲାରେ ୩, ଭଦ୍ରକ ଜିଲ୍ଲାରେ ୫ , ବଲାଙ୍ଗିର ଜିଲ୍ଲାରେ ୪, ବୌଦ୍ଧ ଜିଲ୍ଲାରେ ୮ ଜଣ କଟକ ଜିଲ୍ଲାରେ ୨୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଢେଙ୍କାନାଳ ଜିଲ୍ଲାରେ ୧, ଗଜପତି ଜିଲ୍ଲାରେ ୩୯, ଜଗତସିଂହପୁର ଜିଲ୍ଲାରେ ୪୦, ଯାଜପୁର ଜିଲ୍ଲାରେ ୪୦, କଳାହାଣ୍ଡି ଜିଲ୍ଲାରେ ୨, କେନ୍ଦ୍ରାପଡା ଜିଲ୍ଲାରେ ୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝର ଜିଲ୍ଲାରେ ଜଣେ , ଖୋର୍ଧା ଜିଲ୍ଲାରେ ୧୦୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୪୫ ଜଣ, , ମାଲକାନଗିରି ଜିଲ୍ଲାରେ ୧୮, ମୟୁରଭଂଜ ଜିଲ୍ଲାରେ ୧୨ ଜଣ, ନବରଙ୍ଗପୁର ଜିଲ୍ଲାରେ ୧, ନୟାଗଡ ଜିଲ୍ଲାରେ ୧୦, ପୁରୀ ଜିଲ୍ଲାରେ ୧୪ ଜଣ କୋରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାୟଗଡା ଜିଲ୍ଲାରେ ୮ , ସମ୍ବଲପୁର ଜିଲ୍ଲାରେ ୨୫ ଜଣ, ତଥା ସୁନ୍ଦରଗଡ ଜିଲ୍ଲାରେ ୧୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ଲକ୍ ଡାଉନ୍ ସମୟରେ...

କୃଷକ ମାନଙ୍କର ଉତ୍ପନ୍ନ ଉତ୍ପାଦକୁ ବଜାରକୁ ପଠାଇବା ଏକ ଆହ୍ୱାନ ରୂପେ ଉଭାହୋଇ ଭୀଷଣ ଜଟିଳ ରୂପ ଧାରଣ କରିଥିଲା କ୍ଷ ଏପରି ଏକ ପରୀକ୍ଷାର ମୁହୂର୍ତରେ ସେମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ପୂର୍ବ ତଟ ରେଳପଥ ଆଗେଇ ଆସିଥିଲା । ୪୩୭୬ ଟନର ଫଳ ଓ ପନି ପରିବା ସୁରକ୍ଷିତ ରୂପେ ଓ ଯଥା ସମୟରେ ବିଭିନ୍ନ ବଜାରଗୁଡିକ ପର୍ଯ୍ୟନ୍ତ ପରିବହନ କରାଯାଇପାରିଥିଲା କ୍ଷ ଏଥିରେ ଆନ୍ଧ୍ର ପ୍ରଦେଶରୁ ଦିଲ୍ଲୀକୁ ପଠାଯାଇଥିବା ୪୩୪୫ ଟନର ଆମ୍ବ ଅନ୍ତର୍ଭୁକ୍ତ । ୮୨୪ ଟନ୍ ର ମାଛ ମଧ୍ୟ ଉପକୂଳ ଅଂଚଳ ର ଖାଉଟି କେନ୍ଦ୍ର ଗୁଡିକୁ ପରିବହନ କରାଯାଇଥିଲା କ୍ଷ ଏହା ବ୍ୟତୀତ,୬୭୩ ଟନ୍ ର ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ବିଭିନ୍ନ ସ୍ଥାନକୁ ପରିବହନ କରାଯାଇଥିଲା । ଏହି ସମାୟାବଧିରେ, ପୂର୍ବ ତଟ ରେଳ ପଥ ଅଧିକାର କ୍ଷେତ୍ରରେ ୫୨୪୦ ଟନ୍ ର ପାର୍ସଲ ଗ୍ରହଣ କରାଯାଇଛି । ଏହି ଆସିଥିବା ସାମଗ୍ରୀ ମଧ୍ୟରେ ମେଡିକାଲ ଉପକରଣ, ଔଷଧ, ସୁତାବ୍ୟାଗ, ବ୍ୟକ୍ତିଗତ ସୁରକ୍ଷା ଉପକରଣ, କୁକୁଡ଼ା ଅଣ୍ଡା, ଦୁଗ୍ଧ ଇତ୍ୟାଦି ଅନ୍ତର୍ଭୁକ୍ତ ।

ରାଜସ୍ଥାନରେ କରୋନରେ...

ବାଡ଼ମେରରେ ୮୫୭, ଜାଲୋରରେ ୭୬୧, ସିରୋହୀରେ ୭୪୦, ସୀକରରେ ୭୩୦, ଡୁଙ୍ଗରପୁରରେ ୫୧୪, ଚୁରୁରେ ୫୦୦, ଝୁନଝୁନରେ ୪୯୭, ରାଜସମନ୍ଦରେ ୪୪୪, ଝାଲାୱାଡ଼ାରେ ୩୯୫, ଭିଲୱାଡ଼ାରେ ୩୫୧, ଦୌସାରେ ୨୩୫, ଟୋଂକରେ ୨୨୫, ଚିତୌଡଗଡ଼ରେ ୨୧୬, ଅନ୍ୟ ପ୍ରଦେଶରେ ୧୭୭, କରୌଲୀରେ ୧୬୬, ପ୍ରତାପଗଡ଼ରେ ୧୫୭, ହନୁମାନଗଡ଼ରେ ୧୫୬, ଜୈସଲମେରରେ ୧୨୬, ବାଂସୱାଡ଼ାରେ ୧୧୪, ଶ୍ରୀଗଙ୍ଗାନଗରରେ ୧୦୫ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ଏହା ବାଦ ବାରାଂ ରେ ୭୯ ଏବଂ ବୁନ୍ଦିରେ ୩୬ ସଂକ୍ରମିତ ମିଳିଛନ୍ତି । ଅନ୍ୟ ରାଜ୍ୟରୁ ଆସିଥିବା ପ୍ରବାସୀ ନାଗରିକଙ୍କ ମଧ୍ୟରୁ ୬୫୩୮ ସଂକ୍ରମିତ ହୋଇଛନ୍ତି । ଏବେ ପ୍ରଦେଶରେ ୬୮୭୧ କରୋନାର ସକ୍ରିୟମାମଲା ରହିଛି ।

ଲକ୍ ଡାଉନ ବେଳେ ମିଡିଆ ପାଶ୍‌କୁ ନେଇ ପଲିଟିକ୍ସ

ରାଉରକେଲା,୧୯।୭ (ନି.ପ୍ର): ରାଉରକେଲା ସହରାଂଚଳରେ ୩୧ ତାରିଖ ଯାଏ ଲକ୍ ଡାଉନ ଘୋଷଣା ସରକାରଙ୍କ ପକ୍ଷରୁ କରାଜିବା ପରେ ରାଉରକେଲା ପୁଲିସ ପକ୍ଷରୁ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ପାଶ୍ ଯୋଗାଇ ଦେବା ଲାଗି ରାଉରକେଲା ପୁଲିସ ବ୍ୟବସ୍ଥା କରିଥିବା ବେଳେ କେତେକ ଅଣସାମ୍ବାଦିକ ରାଉରକେଲା ପୁଲିସକୁ ବାଟବଣା କରି କାର୍ଯ୍ୟରତ କିଛି ସାମ୍ବାଦିକଙ୍କୁ କେମିତି ପାଶ୍ ନମିଳିବ ସେନେଇ କରିଥିବା ଷଡ଼ଯନ୍ତ୍ରର ମଂଜି କଥା ପଦାକୁ ଆସିଛି । ଖବରରୁ ଜଣାପଡିଛି ଗତକାଲି ସଂଧ୍ୟାରେ ଏଭଳି ପାଶ୍ ଦିଆଯାଉଥିବା ନେଇ ଭୁବନେଶ୍ୱର ଓ ସମ୍ବଲପୁରରୁ ପ୍ରକାଶ ପାଉଥିବା ରାଜ୍ୟର ଅନ୍ୟତମ ଖବର କାଗଜର ରାଉରକେଲା ମୂଖ୍ୟ ରାଜ୍ୟ ଲୋକସମ୍ପର୍କ ବିଭାଗର ଜିଲ୍ଲା ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ । ପ୍ରଶ୍ନ କରିଥିଲେ ଏହି ପାଶ ଦିଆଯାଉଥିବା ନେଇ ତାଙ୍କୁ ଏଯାଏ ଖବର ମିଳିନି, କାହାଠାରୁ ଏ ଖବର ସେ ପାଇବେ ? କିଏ ଏହି ପାଶ ଦେବ ? ତାପରେ ଉଭୟଙ୍କ ଭିତରେ ସାମ୍ବାଦିକଙ୍କୁ ଚିହ୍ନଟ ଲାଗି ସରକାରଙ୍କର ଯେଉଁ ବ୍ୟବସ୍ଥା ରହିଛି ସେଥିରେ ଅନ୍ୟମାନେ ହସ୍ତକ୍ଷେପ କରୁଥିବା ଭଳି ମନେ ହେଉଥିବା ନେଇ ସାମ୍ବାଦିକ ଜଣକ କହିବା ସହ ଏହା ଭଲ ପରମ୍ପରା ନୁହେଁ ବୋଲି କହିଥିଲେ ।ପରେ ଜଣେ ଡିଏସପି ତାଙ୍କୁ ଫୋନ କରି କଥା ହେବା ପରେ ସେ ଆଜି ସେହି ପାଶ୍ ପାଇଲେ । ଆଜି ଏହି ପାଶ ଲାଗି ଯାଇଥିବା ବେଳେ କେଉଁ ଆଧାରରେ ଏହି ପାସ୍ ଦିଆଯାଉଛି ତାହା ଜଣା ପଡିଥିଲା । କେତେକ ଅଣସାମ୍ବାଦିକ ନିଜକୁ ସାମ୍ବାଦିକ ପରିଚୟ ଦେଇ ବୁଲୁଥିବା ବେଳେ ସେମାନେ କୁଆଡେ କହିଛନ୍ତି ଅମୁକା କାଗଜ ସମୁକା କାଗଜ ଭୁବନେଶ୍ୱରରୁ ଆସୁନାହିଁ, ସେମାନେ ଆଉ ସେ ସବୁ କାଗଜରେ ନାହାନ୍ତି ।ଏହି କଥାକୁ କୁଆଡେ ଦାୟିତ୍ୱରେ ଥିବା କିଛି ଅଧିକାରୀ ଧରିନେଇଥିଲେ, ଏହା ହିଁ ଠିକ କଥା ହୋଇପାରେ । ଆଜି ଏନେଇ କିଛି ଅଧିକାରୀଙ୍କୁ ସମସ୍ତ କଥା ବୁଝା ଜିବା ସହ, ପ୍ରସାରଣ,ବିଜ୍ଞାପନ ଓ ନ୍ୟୁଜ ଭିନ୍ନ ଭିନ୍ନ କଥା । କାଗଜ ତା ଯାଗାରେ, ସାମ୍ବାଦିକ ତାର କାମ କରେ ତେଣୁ କାଗଜ ଆସିଲା ନଆସିଲା ସେଥିରେ ସାମ୍ବାଦିକର ସମସ୍ୟା ରହିଲା କେଉଁଠି ? ପରେ ସେମାନେ ଏହାକୁ ଗ୍ରହଣ କରିଥିବା ଖବର ମିଳିଛି । ଟିଭି ମିଡିଆ ହେଉ ବା ମୁଦ୍ରିତ ମିଡିଆ କିମ୍ବା ସମ୍ବାଦ ସରବରାହ ସଂସ୍ଥା ,ଏଥିରେ କାମକରୁଥିବା ସାମ୍ବାଦିକ ମାନେ ପ୍ରସାରଣକୁ ନେଇ କେବେ କେଉଁଠି କିଛି ପ୍ରାୟ ବୁଝନ୍ତିନି । ଯଦି କେହି କହିବ ଅମୁକା ଟିଭି ସମୁକା ଟିଭି ଆମ କେବୁଲରେ ଆସୁ ନାହିଁ ତେବେ କଣ ସେ ଟିଭି ସାମ୍ବାଦିକ ତା କାମ ଛାଡିଦେଇଛି ବୋଲି ଧରାଜିବ କି ,ବୋଲି ପ୍ରଶ୍ନ ହେଉଛି । ସାମ୍ବାଦିକତା କରୁନଥିବା କିଛି ବାବୁ ଏହି ଭଳି ବିଭ୍ରାନ୍ତିକର ତଥ୍ୟ ପୁଲିସକୁ ଦେଇ ପୁଲିସ ଓ ବାସ୍ତବ ସାମ୍ବାଦିକ ମାନଙ୍କ ଭିତରେ ସମ୍ପର୍କ ନଷ୍ଟ କରିବାକୁ ଉଦ୍ୟମ କରାଇଥିବା ଦେଖାଯାଇଛି । ଏହିଭଳି ପରମ୍ପରା ରାଉରକେଲାରେ ଚାଲିବା ସହ ବର୍ତମାନ ଏହା ଅଧିକ ଆକାର ଧାରଣ କରି ଚାଲିଛି । ଫଳରେ ଅନେକ ପେଶାଦାର ସାମ୍ବାଦିକ କାମ କଲା ବେଳେ ସମସ୍ୟା ହେଉଥିବା ଖବର ମିଳିଛି । ଅନ୍ୟପକ୍ଷରେ ଏହା ସାଧାରଣ ଲୋକଙ୍କ ଲାଗି ମଧ୍ୟ ସମସ୍ୟାର କାରଣ ହୋଇଛି ।

ସାମ୍ବାଦିକଙ୍କୁ ଆକ୍ରୋଶମୂଳକ ଆକ୍ରମଣ ଘଟଣା

ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ନନ୍ଦିପଦା ଥାନାରେ ରୁଜୁ ହେଲା ମାମଲା

ଆନନ୍ଦପୁର,୧୯।୭ (ନି.ପ୍ର): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଂଚଳର ଜଣେ ସାମ୍ବାଦିକଙ୍କୁ ପୋଲିସ କ୍ଷମତାର ଅପବ୍ୟବହାର କରାଯାଇ ଆକ୍ରୋଶମୂଳକ ଭାବେ ଆକ୍ରମଣ ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ୧୮.୪.୨୦ ରେ ଅଭିଯୋଗ ହୋଇଥିଲା । ଏହି ମାମଲାର ବିଚାର କରାଯାଇ କେସ ନଂ ୧୨୦୯/୧୮/୭/୨୦୨୦ ଅନୁଯାୟୀ କେନ୍ଦୁଝର ଜିଲା ଏସପିଙ୍କୁ ନୋଟିସ୍ ଜାରି ହୋଇଥିଲା । ଘଟଣାର ତଦନ୍ତ ସମୟରେ ଅଭିଯୋଗକାରୀଙ୍କୁ ସାମିଲ କରି ୮ ସପ୍ତାହ ମଧ୍ୟରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ରିପୋର୍ଟ ଦେବାକୁ କୁହାଯାଇଛି । ଅନ୍ୟପକ୍ଷରେ ସଂପୃକ୍ତ ସାମ୍ବାଦିକ ମାର୍ଚ୍ଚ ମାସ ୧୬ ତାରିଖ ଆକ୍ରମଣକାରୀ ପୋଲିସ କର୍ମଚାରୀଙ୍କ ବିରୁଦ୍ଧରେ ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ନନ୍ଦିପଦା ଥାନା ପକ୍ଷରୁ ପଞ୍ଜିକୃତ କରାଯାଇନଥିଲା । ଫଳରେ ଏପ୍ରିଲ ମାସ ୧୮ ତାରିଖ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରାଯାଇଥିଲା । ଏପରିକି ଏ ସମ୍ପର୍କରେ ଏକ ମାମଲା ମାନ୍ୟବର ହାଇକୋର୍ଟରେ ଦାୟର ହୋଇଥିଲା । କେସ୍ ନଂ ସିଆରଏଲଏମପି ୫୯୪/୨୦୨୦ । ମାନ୍ୟବର ହାଇକୋର୍ଟ ଅଭିଯୋଗକୁ ମାମଲା ଭାବେ ରୁଜୁ କରିବାକୁ ନିର୍ଦ୍ଦେଶ ଦେବା ପରେ ନନ୍ଦିପଦା ଥାନା ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ନନ୍ଦିପଦା ଥାନା ପକ୍ଷରୁ ଅନଲାଇନରେ କରାଯାଇଥିବା ଅଭିଯୋଗ ପତ୍ର ଅପଲୋଡ ହୋଇପାରୁନଥିବା, ପୁନର୍ବାର ଥାନାକୁ ଆସି ନୂତନ ଭାବେ ଅଭିଯୋଗ ପ୍ରଦାନ କରିବା ନିମନ୍ତେ ଏକ ନୋଟିସ୍ ଅଭିଯୋଗକାରୀଙ୍କ ଘରେ ପ୍ରଦାନ କରିଥିଲେ । ଅଭିଯୋଗକାରୀ , ଥାନା ପକ୍ଷରୁ ଦିଆଯାଇଥିବା ନୋଟିସର ଉତର ଦେଇଥିଲେ । ଅଭିଯୋଗକାରୀ ଅନଲାଇନ ସିସିଟିଏନ ପୋର୍ଟାଲରେ ନନ୍ଦିପଦା ଥାନା ସମେତ କେନ୍ଦୁଝର ଜିଲ୍ଲା ଏସପି, ଡିଜିପି ଓଡିଶା, ଆଇଜି ରାଉରକେଲାଙ୍କୁ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ପତ୍ର ସମସ୍ତ ଅଧିକାରୀଙ୍କୁ ମିଳିଥିବାବେଳେ ନନ୍ଦିପଦା ଥାନା ଅଧିକାରୀଙ୍କୁ କିପରି ମିଳିଲାନି ବୋଲି ପ୍ରଶ୍ନ କରିଥିଲେ । ପରେ ନନ୍ଦିପଦା ଥାନା ପକ୍ଷରୁ ୮୬/୧୬.୦୭.୨୦ ରେ ଅଭିଯୋଗ ପଞ୍ଜିକୃତ ହୋଇଛି । ଦଫା ୩୪୧, ୨୯୪, ୩୨୩, ୩୭୯, ୫୦୬, ଆର୍ମସ୍ ଆକ୍ଟ ୨୫, ୨୭ ରେ ମାମଲା ରୁଜୁ ହୋଇଛି । ସୂଚନାଯୋଗ୍ୟ, ହାଟଡିହୀ ବ୍ଲକ ଅଂଚଳର ସାମ୍ବାଦିକ ଶୁଭକାନ୍ତ ନାୟକ ଗତ ୧୬.୩.୨୦ ରେ ଖବର ସଂଗ୍ରହ ନିମନ୍ତେ ହାଟଡିହୀ ବ୍ଲକ ପରିସରକୁ ଯାଇଥିଲେ । କୌଣସି ଘଟଣାକୁ ନେଇ ତତ୍କାଳିନ ରାମଚନ୍ଦ୍ରପୁର ଥାନା ଏସଆଇ ବିଶ୍ୱଜିତ୍ ବେହେରା ଆକ୍ରୋଶମୂଳକ ଭାବେ ଖବରଦାତାଙ୍କ ଉପରେ ପୋଲିସ କ୍ଷମତାର ଅପବ୍ୟବହାର କରି ଫଶାଇବାକୁ ଉଦ୍ୟମ କରିଥିଲେ । ଏଥିରେ ବିଫଳ ହେବାରୁ ଖବରଦାତାଙ୍କ ସ୍ପୁଟି ପୋଲିସ ଦ୍ୱାରା କେଉଁ ଆଡେ ଉଭାନ୍ କରିବା ଭଳି ଘଟଣା ମଧ୍ୟ ଘଟିଥିଲା । ଅଦ୍ୟାବଧି ଖବରଦାତାଙ୍କ ସ୍ପୁଟି ସମ୍ପର୍କରେ କୌଣସି ସୂଚନା ମିଳିନଥିବା ଜଣାପଡିଛି । ସେହିଭଳି ମାର୍ଚ୍ଚ ମାସ ୧୦ ତାରିଖ ସଂଧ୍ୟା ସମୟରେ ସାମ୍ବାଦିକ ଶ୍ରୀ ନାୟକ ଖବର ସଂଗ୍ରହ ପରେ ନିଜ ଘର ଶାଳଣିଆ ଫଂଚାୟତ ସୋଲପଟା ଘର ଅଭିମୁଖେ ଫେରିବା ବାଟରେ ତାଙ୍କୁ ଏକ ପୋଲିସ ଗାଡି ରାସ୍ତା ଅବରୋଧ କରିବା ସହିତ ନାନା ଦି ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିବା ସହିତ, ବନ୍ଧୁକ ଦେଖାଇ ଜୀବନରୁ ମାରିଦେବାକୁ ଧମକ ଦେବାଭଳି ଘଟଣା ଘଟିଥିଲା । ସମ୍ପୃକ୍ତ ଏସଆଇ ନିଜର ଦବଙ୍ଗଗିରି ପାଇଁ ଏପ୍ରିଲ ମାସରେ ନିଲମ୍ବିତ ହୋଇଥିବାବେଳେ ଏବେ କେନ୍ଦୁଝର ଜିଲ୍ଲା ଘସିପୁରା ଥାନାରେ ଏସଆଇ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ଜଣାପଡିଛି ।

ରାତିରେ ଦୋକାନ ଖୋଲିଥିବାରୁ ୪ ଦୋକାନ ସିଲ ଓ ୭ ବାଇକ ଜବ

ସୋମବାର,୨୦ଜୁଲାଇ ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ପୁରୀ ଜିଲ୍ଲାରେ ୧୪ ନୂଆ କରୋନା ପଜିଟିଭ୍ ଚିହ୍ନଟ : ୨ କଂଟେନମେଂଟ ଜୋନ୍ ଘୋଷଣା

ପୁରୀ,୧୯।୭ (ନି.ପ୍ର): କରୋନା ମହାମାରୀର କରାଳ ଛାୟା ପୁରୀ ଜିଲ୍ଲାକୁ ଧିରେ ଧିରେ କବଳିତ କରିବାରେ ଲାଗିଛି । ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଲୋକମାନେ ସାମାଜିକ ଦୂରତା ମାନୁନଥିବା ଓ ଥଣ୍ଡା, କାଶ ଓ ଜ୍ୱର ହେଲେ ଶୀଘ୍ର ପରୀକ୍ଷା କରୁନଥିବାରୁ ଅବସ୍ଥା ଜଟିଳ ଆଡକୁ ଗତି କରୁଥିବା ଜଣାପଡିଛି ।

ପୁରୀ ଜିଲ୍ଲାରେ ରବିବାର ୧୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଗୋପ ବ୍ଲକର ଜଣେ, କଣାସର ୪ ଜଣ, କୃଷ୍ଣପ୍ରସାଦରୁ ଜଣେ, ନିମାପଡାରୁ ଜଣେ ଓ ସତ୍ୟବାଦୀରୁ ଜଣେ ଚିହ୍ନଟ ହୋଇଥିବା ବେଳେ ପୁରୀ ପୌରାଂଚଳରୁ ୬ ଜଣ ଚିହ୍ନଟ ହୋଇଛନ୍ତି । ପୁରୀ ପୌରାଂଚଳରୁ ୪ ଜଣ କଂଟାକୁ କେସରୁ ଓ ଲୋକାଲରୁ ୨ ଜଣ ଚିହ୍ନଟ ହୋଇଛନ୍ତି । ଏ ସଂପର୍କରେ ଜିଲ୍ଲାପାଳ ବଳବନ୍ତ ସିଂ ଲୋକମାନଙ୍କୁ ସଚେତନ କରାଇବା ସହ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ରଖି ଚଳପ୍ରଚଳ କରିବା ପାଇଁ ପରାମର୍ଶ ଦେଇଛନ୍ତି । ପୁରୀ ଜିଲ୍ଲାର ସମସ୍ତ ୧୧ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାବୋରେଟୋରି ଟେକ୍ନିସିଆନ୍ ମାନଙ୍କୁ କୋଭିଡ୍ ପରୀକ୍ଷା ପାଇଁ ସ୍ୱତନ୍ତ୍ର ତାଲିମ୍ ପ୍ରଦାନ ନେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଲୋକମାନଙ୍କ ଠାରେ ଲକ୍ଷଣ ଦେଖାଦେବା ମାତ୍ରେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ପରୀକ୍ଷା କରିବା ପାଇଁ କୁହାଯାଇଛି । ପୁରୀ ସହରର ୨୪ ନମ୍ବର ୱାର୍ଡର ଘୋଡାବଜାର ବୃଦ୍ଧମନ୍ଦିର ଠାରୁ ସରସ୍ୱତୀ ଶିଶୁ ମନ୍ଦିର ଦେଇ ଝାଡେଶ୍ୱରୀ ଛକ ପର୍ଯ୍ୟନ୍ତ ପାଣିଟାଙ୍କି ଅଂଚଳକୁ କଂଟେନମେଂଟ ଘୋଷଣା କରିଛନ୍ତି ଜିଲ୍ଲାପାଳ । ସେହିପରି ପୌରାଂଚଳର ୨୫ ନମ୍ବର ୱାର୍ଡର ୱାର୍କ୍ସ ରୋଡ ଓ ଗୋରାକବର ଅଂଚଳରୁ ଜଣେ କରୋନା ପଜେଟିଭ ଚିହ୍ନଟ ହେବା ପରେ ସେହି ଅଂଚଳକୁ କଂଟେନମେଂଟ ଜୋନ୍ ଘୋଷଣା କରାଯାଇଛି ।

୬୯୧ ଛୁଇଁଲା ବାଲେଶ୍ୱର ଜିଲ୍ଲା କରୋନା ସଂକ୍ରମିତଙ୍କ ସଂଖ୍ୟା

ଜଳେଶ୍ୱରରେ ଆଉ ୭ଦିନ ସଟଡାଉନ୍ ଅବଧି ବୃଦ୍ଧି
ଶତ ପ୍ରତିଶତ କୋଭିଡ୍ ନିୟମ ପାଳନ ଉପରେ ପ୍ରଶାସନର ଗୁରୁତ୍ୱ

ବାଲେଶ୍ୱର,୧୯।୭ (ନି.ପ୍ର): ଦିନକୁ ଦିନ ବୃଦ୍ଧି ପାଉଥିବା କରୋନା ସଂକ୍ରମିତଙ୍କ ସଂଖ୍ୟାକୁ ନେଇ ସବୁ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦ ଲକ୍ଷ ୭୭ ହଜାର ଅତିକ୍ରମ କରିଥିବା ବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ୨୬ ହଜାର ୮୨୮ରେ ପହଞ୍ଚିଛି । ଅନୁରୂପ ଭାବେ ଓଡ଼ିଶାରେ ଆଜି ଗୋଟିଏ ଦିନରେ ୭୩୬ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ପରେ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୭ ହଜାର ୪୩୭ରେ ପହଞ୍ଚିଛି । ଅନ୍ୟପକ୍ଷରେ ଆଜି ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରାଜ୍ୟରେ ଅଦ୍ୟାବଧି କରୋନା ଜନିତ ମୃତ୍ୟୁ ସଂଖ୍ୟା ୯୧ଛୁଇଁଛି । ସେହିଭଳି ବାଲେଶ୍ୱରରେ ବଢୁଥିବା କରୋନା ସଂକ୍ରମଣ ଏବେ ଜିଲ୍ଲା ପାଇଁ ମହାବିପଦ ହୋଇଛି । ଆଜି ୩୩ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହେବା ସହ ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା ୬୯୧ରେ ପହଞ୍ଚିଛି । ଅଦ୍ୟାବଧି ୪୭୫ ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୨୧୪ ଜଣ କରୋନା ସଂକ୍ରମିତ ଏବେ କୋଭିଡ୍ ହସପିଟାଲରେ ଚିକିତ୍ସିତ ଉଛନ୍ତି । ତେବେ ଗତ କିଛିଦିନ ଧରି ବୃଦ୍ଧି ପାଇଥିବା ସ୍ଥାନୀୟ ସଂକ୍ରମଣ ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି । ବାହାର ରାଜ୍ୟରୁ ଫେରି କ୍ୱାରେଣ୍ଟାଇନ୍‌ରେ ରହୁଥିବା ସୋର ଅଞ୍ଚଳର ୪ ଜଣ କରୋନା ଆକ୍ରନ୍ତ ହୋଇଥିବା ବେଳେ ବାକି ୨୯ ଜଣ ସ୍ଥାନୀୟ ସଂକ୍ରମଣ ବୋଲି ଜଣାପଡ଼ିଛି । ଜଳେଶ୍ୱର ପୌରାଞ୍ଚଳରରୁ ୧୦ ଜଣ ପୁରୁଷ ଓ ୬ ଜଣ ମହିଳା, ରେମୁଣାରୁ ୩ ଜଣ, ବାଲେଶ୍ୱର ସହରର ରାଣୀପାଟଣାରୁ ଦୁଇଜଣ ଏବଂ ମାଣିଖମ୍ବ, ତେଲେଙ୍ଗାସାହି, ଆଜିମାବାଦ, ଗୋପାଳଗାଁ ଓ ହରିପୁରରୁ ଜଣେ ଲେଖାଏଁ ସଂକ୍ରମିତ ହୋଇଛନ୍ତି । ସେହିପରି ବାହାନଗା, ସିମୁଳିଆ ଓ ଚାନ୍ଦିପୁରରୁ ଜଣେ ଲେଖାଏଁ ସଂକ୍ରମିତ ହୋଇଥିବା ଜଣାପଡ଼ିଛି । ଜଳେଶ୍ୱର ପୌରାଞ୍ଚଳରେ ସଂକ୍ରମିତଙ୍କ ସଂଖ୍ୟା ଲଗାତର ବଢୁଥିବା କାରଣରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଉ ୭ ଦିନ ପାଇଁ ସଟ ଡାଉନ୍ ଅବଧି ବୃଦ୍ଧି କରାଯାଇଛି ।

ଏଲଆଣ୍ଡଟି କମ୍ପାନୀର ଦୁଇଟି କଲୋନୀରେ ୧୪୪ ଧାରା ଜାରୀ

ଜଗତସିଂହପୁର,୧୯।୭ (ନି.ପ୍ର): ପାରାଦ୍ୱୀପ ତୈଳ ବିଶୋଧନାଗାରରେ କାର୍ଯ୍ୟ କରୁଥିବା ଏଲଆଣ୍ଡଟି କମ୍ପାନୀର ଦୁଇଟି କଲୋନୀରେ ଆଜି ୧୪୪ ଧାରା ଜାରୀ କରିଛନ୍ତି ଜଗତସିଂହପୁର ଜିଲ୍ଲାପାଳ ସଂଗ୍ରାମକେଶରୀ ମହାପାତ୍ର । ତନ୍ମଧ୍ୟରୁ ଗୋଟିଏ କଲୋନୀ ଅଭୟଚନ୍ଦ୍ରପୁର ଗ୍ରାମରେ ଏବଂ ଅନ୍ୟଟି ବଗଦିଆ ଗ୍ରାମରେ । ଏଠାରେ ପୂର୍ବରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତ କୋଭିଡ୍ ନିୟମ ଉଲ୍ଲଙ୍ଘନ କରିବାରୁ ପ୍ରଶାସନ ବାଧ୍ୟ ହୋଇ ସମ୍ପୃକ୍ତ କଲୋନୀ ଅଂଚଳରେ ୧୪୪ ଧାରା ଜାରୀ କରିଥିବା ନେଇ ଜିଲ୍ଲାପାଳ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି । ସମ୍ପୃକ୍ତ ଅଂଚଳରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି । ପ୍ରତିଦିନ ଅତିରିକ୍ତ ଜିଲ୍ଲାପାଳ ଉକ୍ତ ଦୁଇଟି କଲୋନୀକୁ ନିୟମିତ ପରିଦର୍ଶନ କରିବେ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଜାରୀ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପାରାଦ୍ୱୀପ ତୈଳ ବିଶୋଧନାଗାର (ଆଇଓସିଏଲ୍) କୁ ଜୁଲାଇ ୨୫ ରୁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ପୂର୍ବରୁ ସଟ୍ ଡାଉନ୍ ଘୋଷଣା କରାଯାଇଛି । ପାରାଦ୍ୱୀପ ତୈଳ ବିଶୋଧନଗାର ମେଂଟେନାନ୍ସ କାର୍ଯ୍ୟ ପାଇଁ ଏହି ସଟ୍ ଡାଉନ୍ କରାଯିବ ବୋଲି ଜିଲ୍ଲାପାଳ ପୂର୍ବରୁ ସୂଚନା ଦେଇଛନ୍ତି । ଏପରିକି ସଟ୍ ଡାଉନ୍ ବେଳେ ଭିଡ଼ ଏଡାଇବାକୁ ଆଇଓସିଏଲ ନିକଟରେ ୧୪୪ ଧାରା ଜାରୀ କରାଯିବ ଜିଲ୍ଲାପାଳ ପୂର୍ବରୁ କହିଛନ୍ତି ।

ହାତୀ ପଲ ବୁଲୁଛନ୍ତି ବିଲରେ : କୁଲଡିହା ବନ ବିଭାଗ ଶୋଇଛି ଖଟରେ !

ଦଳିଦେଲେ ଧାନ ତଳି,ଚାଷ ପାଇଁ ଚାଷୀ ଚିନ୍ତାରେ: ବନ ବିଭାଗ କହୁଛି ଶଣ୍ଡ ମାଡିଛି !

ନୀଳଗିରି,୧୯।୭ (ନି.ପ୍ର): ରାଜ୍ୟରେ ଦେଖା ଦେଇଥିବା ମହାମାରୀ କରୋନା ବିପତ୍ତି ଲୋକମାନଙ୍କର ଜୀବନ ଜିବିକାକୁ ଦୋହଲାଇ ଦେଇଥିବା ବେଳେ ବଞ୍ଚିବା ମରିବା ଏକ ପ୍ରକାର ସାର ହୋଇ ପଡିଲାଣି ।ନୀଳଗିରି ଅଞ୍ଚଳରୁ ବହୁ ଲୋକ ବାହାର ରାଜ୍ୟକୁ ଯାଇ ଦାଦନ ଖଟି ପରିବାର ଭରଣ ପୋଷଣ କରିଆସୁଥିଲେ ।କିନ୍ତୁ ମହାମାରୀ କରୋନା ଦାଦନ ଶ୍ରମିକ ମାନଙ୍କୁ ରୋଜଗାର କରିବାର ସବୁ କିଛି ଓଲଟପାଲଟ କରି ଦେଇ ଥିବା ବେଳେ ଏବେ ଘରେ ବସି ରହିଛନ୍ତି ।ନା ଏମାନଙ୍କୁ କାମ ମିଳୁଛି ନା ରୋଜଗାର ଅଛି ।କେବଳ ଚାଷ କିଆରିକୁ ସାହା ଭରଷା କରିଛନ୍ତି ।ହେଲେ କୁଲଡିହା ହାତୀ ପଲ ଗାଁ ମୁହାଁ ହୋଇ ଉତ୍ପାତ କରି ଘର ଭାଙ୍ଗୁଥିବା ବେଳେ ବିଲରେ ପସି ଚାଷ ପାଇଁ ପକାଯାଇଥିବା ଧାନ ତଳିକୁ ମାଡି ମକଚି ଖିନ୍‌ଭିନ୍ କରି ଦେଇଥିବାର ଦେଖିବାକୁ ମିଳିଛି ।ଏ ଅଞ୍ଚଳରେ ଚାଷୀ ମାନଙ୍କର ଧାନ ଚାଷ ଏକ ମାତ୍ର ଜୀବିକା ହୋଇଥିବା ବେଳେ କୁଲଡିହା ହାତୀ ପଲ ଗାଁରେ ପସି ଘର ଦ୍ୱାର ନଷ୍ଟ କରିବା ସଙ୍ଗେସଙ୍ଗେ ଚାଷ ଜମିକୁ ଉଜାଡି ଦେଉଥିବାରୁ ଚାଷୀର ମେରୁଦଣ୍ଡ ଭାଙ୍ଗି ଯାଉଛି ।ଚଳିତ ବର୍ଷ ମୈସୁମି ବର୍ଷର ଲୁଚକାଳୀ ଖେଳ ଚାଷୀ ମାନଙ୍କୁ ଚିନ୍ତାରେ ପକାଇ ଥିବା ବେଳେ କେବଳ ପାହାଡରୁ ନିର୍ଗତ ଜଳକୁ ଭରଷା କରି ଚାଷୀ ବର୍ଷକର ଧାନ ଅମଳକୁ ଆଶ୍ରା ରଖି ବିଲରେ ଧାନ ତଳି ପକାଇଛି ।କୁଲଡିହା ହାତୀ ପଲ ବାଉଁଶବଣୀ ପଞ୍ଚାୟତର ଢୋଲପୁର ବିଲରେ ପସି ଧାନ ତଳିକୁ ମାଡି ମକଚି ନଷ୍ଟ କରି ଦେଇଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି ।ଗତବର୍ଷ ଗଚ୍ଛିତ ରଖିଥିବା ଧାନ ବୀହନର ତଳି ପକାଇ ଥିବା ବେଳେ ତାହା ହାତୀ ମାନଙ୍କ ଦ୍ୱାରା ନଷ୍ଟ ହୋଇ ଯାଇଥିବାରୁ ଚାଷୀ ଚଳିତ ବର୍ଷ କିପରି ଧାନ ଅମଳ କରିବ ତାହା ଚିନ୍ତାର ବିଷୟ ହୋଇ ପଡିଛି ।ଚାଷକୁ ନେଇ ଚାଷୀ ମାନେ ପରିବାର ଭରଣ ପୋଷଣ ସାଙ୍ଗକୁ ପିଲାମାନଙ୍କର ପାଠ ଖର୍ଚ୍ଚ କେମିତି ଭରଣା କରିବେ ଆଶା ଆଶଙ୍କା ଭିତରେ କାଳାତିପାତ କରୁଥିବାର ଦେଖିଯାଇଛି ।ଏଠି ପ୍ରଶ୍ନ ଉଠେ କୁଲଡିହା ବନ ବିଭାଗ ବେପରୁଆ ମନୋଭାବ,କୁଲଡିହା ଅଭୟାରଣ୍ୟ ଭିତରେ ରହୁଥିବା ନିରିହ ଆଦିବାସୀ ମାନଙ୍କୁ ମିଛ କେଶରେ ପକାଇ ବାଃବାଃ ନେବା ନିଶା କୁଲଡିହା ରେଞ୍ଜରକୁ ଲାଗିଥିବା ବେଳେ ଚାଷୀର ଚାଷ କଥା କିଏ ପଚାରେ ?କୁଲଡିହା ହାତୀ ପଲ ଧାନ ତଳିରେ ପସି ଗୁଟିପ ନାଚ କରି ନଷ୍ଟ କରି ଚାଲିଥିବା ବେଳେ ବନ ବିଭାଗକୁ ଅବଗତ କରାଯାଉଥିଲେ ମ୍ନ ହାତୀ ଘୋଡାଇବା ପାଇଁ କୌଣସି ପଦକ୍ଷପ ନନେଇ ଚିତା ଚୈତନ୍ୟ ମାରି ଅଫିସ ଖଟରେ ଶୋଇ ପଡୁଥିବାର ଅଭିଯୋଗ ହେଉଛି ।ଭାରତ ବର୍ଷକୁ ଜୟ ଜବାନ ଜୟ କିଷାନ କୁହାଯାଉଥିବା ବେଳେ କିଷାନ ଏବେ ବି ଅବହେଳିତ ହୋଇ ପଡିଛି ।କିଷାନ ମୁଣ୍ଡରେ ନାଲି ପଗଡି ସାଙ୍ଗକୁ ମୁଣ୍ଡ ଝାଳ ତୁଣ୍ଡରେ ମାରି ମାଟି ତାଡି ଶସ୍ୟ ଉତ୍ପାଦନ କରି ଦେଶକୁ ଖାଦ୍ୟ ଯୋଗାଉଥିବା ବେଳେ ଥରୁଟିଏ ଚାଷୀଙ୍କ କଥା କୁଲଡିହା ରେଞ୍ଜର ଚିନ୍ତା କରନ୍ତେ ତେବେ ଦେଶ ଖିଲିଖିଲି ହୋଇ ହସି ପାରନ୍ତା ବୋଲି କୁହାଯାଉଛି ।

ମଧ୍ୟପ୍ରଦେଶରେ କରୋନା ସଂକ୍ରମିତ ସଂଖ୍ୟା ୨୨ ହଜାର ପାର : ଏବେ ସୁଦ୍ଧା ୭୧୦ ଜଣଙ୍କ ମୃତ୍ୟୁ

ଭୋପାଳ,୧୯।୭ (ନି.ପ୍ର): ମଧ୍ୟପ୍ରଦେଶରେ ସବୁ ପ୍ରକାର ଚେଷ୍ଟା ସତ୍ତ୍ୱେ କରୋନା ସଂକ୍ରମଣ ଦ୍ରୁତ ଗତିରେ ମାଡ଼ି ଚାଲିଛି । ଗତ ଏକ ସପ୍ତାହ ଭିତରେ ଲଗାତର ଏହି ସଂଖ୍ୟା ବଢ଼ିବା ଯୋଗୁଁ ରିକଭରି ରେଟ କମିଯାଇଛି । ଏବେ ଇନ୍ଦୋର, ଭୋପାଳ ସମେତ ଚାରୋଟି ଜିଲ୍ଲାରେ ୩୦୪ ନୂଆ ମାମଲା ସାମନାକୁ ଆସିଛି ଏବଂ ୪ ଜଣଙ୍କର ମୃତ୍ୟୁ ହୋଇଛି । ଏହା ବାଦ ରାଜ୍ୟର ସଂକ୍ରମିତ ରୋଗୀଙ୍କ ମୋଟ ସଂଖ୍ୟା ୨୨ ହଜାର ପାର କରିଛି । ଏବେ ସୁଦ୍ଧା ରାଜ୍ୟରେ କରୋନାରେ ୭୧୦ ଜଣଙ୍କର ମୃତ୍ୟୁ ହୋଇଛି । ଇନ୍ଦୋରର ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପ୍ରବୀଣ ଜଡ଼ିଆ ରବିବାରକୁ କହିଛନ୍ତି କି ଏମଜିଏମ ମେଡିକାଲ କଲେଜ ଦ୍ୱାରା ଶନିବାର ବିଳମ୍ବିତ ରାତିରେ ୧୯୫୭ ଟି ସାମ୍ପଲ ଯାଂଚ ରିପୋର୍ଟ ପରୀକ୍ଷା କରାଯାଇଥିଲା, ଯେଉଁଥିରୁ ୧୨୯ଟି ନୂତନ ପଜିଟିଭ ମିଳିଥିଲା । ଏହା ବାଦ ଇନ୍ଦୋର ରେ ସଂକ୍ରମିତ ରୋଗୀଙ୍କ ମୋଟ ସଂଖ୍ୟା ୬୦୩୫ ରେ ପହଂଚିଛି । ଇନ୍ଦୋରରେ ୪ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ଏବେ ସେଠାରେ କରୋନାରେ ମୃତ୍ୟୁ ସଂଖ୍ୟା ୨୯୨ରେ ପହଂଚିଛି । ଭୋପାଳ ସିଏମଏଚଓ ଡା. ପ୍ରଭାକର ତିୱାରୀଙ୍କ କହିବା ଅନୁସାରେ ରାଜଧାନୀରେ ରବିବାର ସକାଳେ ପ୍ରାପ୍ତ ରିପୋର୍ଟରେ କରୋନାରେ ୧୪୯ ନୂଆ ମାମଲା ସାମନାକୁ ଆସିଥିଲା । ଏଥି ସହିତ ଏଠାରେ ସଂକ୍ରମିତ ସଂଖ୍ୟା ବଢ଼ି ୪୩୭୦ ହୋଇଛି । ଏହା ବ୍ୟତୀତ ଉଜ୍ଜୟିନୀ ଏବଂ ହରଦା ଜିଲ୍ଲାରେ ୧୩-୧୩ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛି । ଚାରୋଟି ଜିଲ୍ଲାରୁ ମିଳିଥିବା ୩୦୪ଟି ନୂଆ ମାମଲା ସହିତ ଏବେ ରାଜ୍ୟରେ ସଂକ୍ରମିତ ରୋଗୀଙ୍କ ମୋଟ ସଂଖ୍ୟା ୨୨,୦୬୭ ହୋଇଯାଇଛି । ଏଥିରେ ସବୁଠାରୁ ଅଧିକ ଇନ୍ଦୋରରେ ୬୦୩୫, ଭୋପାଳରେ ୪୩୭୦, ଉଜ୍ଜୟିନୀରେ ୯୬୭, ମୁରୋନାରେ ୧୨୧୬, ଗ୍ୱାଲିୟରରେ ୧୫୭୮, ନୀମଚରେ ୫୨୭, ଜବଲପୁରରେ ୭୫୨, ସାଗରରେ ୫୦୪, ବୁରହାନପୁରେ ୪୩୭, ଖଣ୍ଡୱାରେ ୫୦୪, ଖରଗୌନରେ ୪୭୪, ଭିଣ୍ଡରେ ୪୧୧, ଦେୱାସରେ ୩୩୨, ଧାରରେ ୨୬୨, ରତଲାମରେ ୨୬୫, ମନ୍ଦସୌରରେ ୨୬୦, ବଡ଼ୱାନୀରେ ୨୨୯, ରାୟସେନରେ ୧୪୧, ରାଜଗଡ଼ରେ ୧୬୩, ସୋପୁରରେ ୧୪୯, ବୈତୁଲରେ ୧୫୩, ଶାଜାପୁରରେ ୨୨୩, ଛିନ୍ଦୱାଡ଼ାରେ ୯୨, ରୀୱାରେ ୧୩୬, ଟିକମଗଡ଼ରେ ୧୯୧, ଛତରପୁରରେ ୧୦୩, ବିଦିଶାରେ ୧୨୮, ପନ୍ନାରେ ୬୧, ଦମୋହରେ ୭୨, ଶିବପୁରୀରେ ୨୧୬, ଅଶୋକନଗରରେ ୭୫, ଦତିୟାରେ ୧୧୪, ହରଦାରେ ୧୩୫, ସତନାରେ ୬୨, ହୋସଂଗାବାଦରେ ୯୧, ବାଲାଘାଟରେ ୬୧, ନରସିଂହପୁରରେ ୭୭, ଡିଣ୍ଡୋରରେ ୩୧, ଅନୁପୁରରେ ୩୫, କଟନୀରେ ୪୭, ଗୁନାରେ ୫୦, ସହଡୋଲରେ ୪୬, ସିହୋରରେ ୯୪, ଝାବୁଆରେ ୬୬, ସୀଧିରେ ୪୫, ସିଂଗରୋଲୀରେ ୪୬, ଆଗରମାଲୱାରେ ୪୩, ସିବନୀରେ ୨୨, ନିୱାଡ଼ିରେ ୨୩, ଉମରିଆରେ ୩୨, ଅଳୀରାଜପୁରରେ ୪୪ ଏବଂ ମଣ୍ଡଳାରେ ୧୩ ରୋଗୀ ସାମିଲ ଅଛନ୍ତି । ଇନ୍ଦୋରରେ ୪ ଜଣଙ୍କ ମୃତ୍ୟୁ ପରେ ରାଜ୍ୟରେ କରୋନାରେ ମୃତ୍ୟୁ ସଂଖ୍ୟା ୭୧୦ ହୋଇଛି । ମୃତକ ସବୁଠାରୁ ଅଧିକ ଇନ୍ଦୋରରେ ୨୯୨, ଭୋପାଳରେ ୧୨୯, ଉଜ୍ଜୟିନୀରେ ୭୧, ବୁରହାନୁପରରେ ୨୩, ଖଣ୍ଡୱାରେ ୧୮, ଜବଳପୁରେ ୧୭, ଖରଗୌନରେ ୧୫, ଗ୍ୱାଲିୟରରେ ୮, ଧାରରେ ୮, ମନ୍ଦସୌରରେ ୯, ନିମଚରେ ୮, ସାଗରରେ ୨୩, ଦେୱାସରେ ୧୦, ରାୟସେନରେ ୫, ହୋସଂଗାବାଦରେ ୪, ସତନାରେ ୩, ଆଗରମାଲୱାରେ ୨, ଝାବୁଆରେ ୨, ଅଶୋକନଗରରେ ୧, ସାଜାପୁରରେ ୪, ଦତିୟାରେ ୧, ଛିନ୍ଦୱାଡ଼ାରେ ୨, ସିହୋରରେ ୪, ଉମରିଆରେ ୧, ରତଲାମରେ ୬, ବଡ଼ୱାନୀରେ ୩, ମୁରେନରେ ୫, ରାଜଗଡ଼ରେ ୭, ସୋପୁରରେ ୨, ଟିମକଗଡ଼ରେ ୬, ରୀୱାରେ ୧, ଗୁନାରେ ୨, ହରଦାରେ ୪, କଟନୀରେ ୩, ସୀଧୀରେ ୧, ଶିବପୁରୀରେ ୨, ଅଳୀରାଜପୁରରେ ୧, ଭିଣ୍ଡରେ ୧, ବୈତୁଲରେ ୧, ନରସିଂହପୁରରେ ୧, ସିବନୀରେ ୧, ସିଂଗରୌଲୀରେ ୧, ଛତରପୁରରେ ୧ ଏବଂ ମଣ୍ଡଳାରେ ଜଣେ ବ୍ୟକ୍ତି ସାମିଲ ଅଛନ୍ତି । ପ୍ରଦେଶରେ ଏବେ ସୁଦ୍ଧା ୧୪,୮୬୪ ରୋଗୀ କରୋନାରୁ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଏବେ ୬୪୯୭ ସକ୍ରିୟ ଅଛନ୍ତି । ଗୋଟିଏ ସପ୍ତାହ ପୂର୍ବରୁ ପ୍ରଦେଶରେ ସକ୍ରିୟ ମାମଲା ପାଖାପାଖି ୩ ହଜାର ଥିଲା । ଯାହା ରିକଭରି ରେଟ୍ ଥିଲା ୭୬.୯ । ମାତ୍ର ଏକ ସପ୍ତାହ ଧରି ଲଗାତର ୬୦୦ ରୁ ଅଧିକ ନୂଆ ମାମଲା ସାମନାକୁ ଆସୁଛି । ଯେଉଁଥିପାଇଁ ପ୍ରଦେଶରେ ରିକଭରି ରେଟ କମିଯାଇ ୬୮ରେ ପହଂଚିଛି ।

ଭୁବନେଶ୍ୱରରେ ଆଉ ୫୨ଜଣ କରୋନା ପଜିଟିଭ୍ ଚିହ୍ନଟ : ଆକ୍ରାନ୍ତଙ୍କ ସଂଖ୍ୟା ୧୧୮୨ରେ ପହଂଚିଲା

ଭୁବନେଶ୍ୱର,୧୯।୭ (ନି.ପ୍ର): ଆଜି ଅପରାହ୍ନ ସୁଦ୍ଧା ରାଜଧାନୀ ଭୁବନେଶ୍ୱରରୁ ୫୨ଜଣ କରୋନା ପଜିଟିଭ୍ ? ଥିବା ଚିହ୍ନଟ ହୋଇଛି । ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଟ୍ୱିଟ କରି ଏହି କରି ସୂଚନା ଦିଆଯାଇଛି । ନିଗମ ପକ୍ଷରୁ କୁହା ଯାଇଛି ଯେ ପଜିଟିଭ୍ ?ଙ୍କ ମଧ୍ୟରୁ ୩୪ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୮ଟି ସ୍ଥାନୀୟ ମାମଲା ରହିଛି । ନୂଆ ଆକ୍ରାନ୍ତଙ୍କୁ ମିଶାଇଲେ ରାଜଧାନୀ ଭୁବନେଶ୍ୱରରେ ଏଯାବତ ୧୧୮୨ଟି କରୋନା ମାମଲା ସାମ୍ନାକୁ ଆସିଥିବା ବେଳେ ୫୨୩ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଏଥିସହିତ ଏବେ ବି ୬୪୬ଟି ସକ୍ରିୟ ମାମଲା ରହିଛି । କରୋନାରେ ଆକ୍ରାନ୍ତ ହୋଇ ରାଜଧାନୀରେ ୧୧ଜଣଙ୍କ ମୃତ୍ୟୁ ହୋଇଥିବା ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଟୁଇଟ କରି ସୂଚନା ଦିଆଯାଇଛି । ଇଏମସି ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭୁବନେଶ୍ୱରରେ କରୋନା ଚିହ୍ନଟ ହୋଇଥିବା ୧୮ଟି ସ୍ଥାନୀୟ ମାମଲା ମଧ୍ୟରୁ ନୟାପଲ୍ଲୀ ବ୍ରିଟ୍ ? କଲୋନିରୁ ଜଣେ ମହିଳା, ରସୁଲଗଡ଼ ଜିଜିପି କଲୋନିରୁ ଜଣେ ମହିଳା, ଅଶୋକ ନଗର ଅଂଚଳରୁ ଜଣେ ପୁରୁଷ, ହଳଦୀପଡ଼ା ବସ୍ତି ଅଂଚଳରୁ ଜଣେ ପୁରୁଷ, ଡୁମଡୁମା ଫେଜ-୩ ଅଂଚଳରୁ ଜଣେ ମହିଳା, ୟୁନିଟ-୮ ଡେଲଟା ସ୍କୋୟାର ଅଂଚଳରୁ ଜଣେ ପୁରୁଷ, ଜାଗମରା ମନାପୁରମ୍ ? ଫାଇନାନ୍ ?ସ ଅଂଚଳରୁ ଜଣେ ମହିଳା, ଘାଟିକିଆ ଅଂଚଳରୁ ଜଣେ ମହିଳା, ଘରୋଇ ହସ୍ ?ପିଟାଲରୁ ଜଣେ ଛାତ୍ରୀ, ଆଇଆରସି ଭିଲେଜ ଏନ୍ ?-୫ ଅଂଚଳରୁ ଜଣେ ମହିଳା, ଚନ୍ଦ୍ରଶେଖରପୁର ଗାୟତ୍ରୀ ବିହାର ଅଂଚଳରୁ ଜଣେ ମହିଳା, ରବି ଟକିଜ ଅଂଚଳରୁ ଜଣେ ପୁରୁଷ, ବଡ଼ଗଡ଼ ବ୍ରିଟ୍ ? କଲୋନିରୁ ଜଣେ ପୁରୁଷ, ଶୈଳଶ୍ରୀ ବିହାର ବଜରଙ୍ଗ ନଗର ଅଂଚଳରୁ ଜଣେ ପୁରୁଷ, ସାମନ୍ତରାପୁର ପୋଷ୍ଟ ଅଫିସ୍ ? ଅଂଚଳରୁ ଜଣେ ପୁରୁଷ ଓ ଚିନ୍ତାମଣିଶ୍ୱର ଲୋନ୍ ?-୮ ଅଂଚଳରୁ ଜଣେ ମହିଳା କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ୩୪ଜଣଙ୍କ ମଧ୍ୟରୁ ଆଇଆରସି ଭିଲେଜ୍ ? ଏନ୍ ?-୩ ଅଂଚଳରୁ ଜଣେ ପୁରୁଷ, ଘରୋଇ ହସ୍ ?ପିଟାଲର ଜଣେ ମହିଳା